■ ଦେସ୍ତଳି ପଞ୍ଚାୟତରେ ଦୁର୍ନୀତି ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

## ବାର୍ଦ୍ଧକ୍ୟ ଛୁଇଁନି; ୨୫ ଲୋକଙ୍କୁ ମିଳୁଛି ଭତ୍ତା

ନୟାହାଟ,୧୪।୧(ସମିସ): ସରକାରୀ ନିୟମ ଅନୁସାରେ ୬୦ ବର୍ଷ ହେଲେ ଜଣେ ବାର୍ଦ୍ଧକ୍ୟ ଭତ୍ତା ପାଇବାକୁ ଯୋଗ୍ୟ। ହେଲେ ୬୦ ଛୁଇଁ ନ ଥିବା ପ୍ରାୟ ୨୫ ଜଣ ବ୍ୟକ୍ତି ତଞ୍ଚକତା କରି ବାର୍ଦ୍ଧକ୍ୟ ଭତ୍ତା ହାତେଇଥିବା ଅଭିଯୋଗ ଜିଲ୍ଲାପାଳଙ୍କ ନିକଟରେ କରାଯାଇଛି। ଏଭଳି ଅଭାବନୀୟ ଘଟଣା ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ଦେସ୍ତଳି ପଞ୍ଚାୟତରେ ଦେଖିବାକୁ ମିଳିଛି। ଉକ୍ତ ପଞ୍ଚାୟତର ପିଣ୍ଡଳ, ବାଲିଦଣ୍ଡା, ବଡ଼ତୋଟା, ଓଟର, ସମିଲି, ବାଲି ଉପର, ସୋହୋଣା ଶାସନ ଓ ଭାରଗୋଳ ଗ୍ରାମରେ ୪୮ ରୁ ୫୨ ବର୍ଷର ୨୫ ଜଣ ବ୍ୟକ୍ତି ଭତ୍ତା ପାଉଛନ୍ତି। ସେମାନଙ୍କ ମଧ୍ୟରେ ଥିବା ମହିଳାମାନେ ଭତ୍ତା ସହିତ ସୁଭଦ୍ରା ଟଙ୍କା ମଧ୍ୟ ପାଇଛନ୍ତି। ଉକ୍ତ ଘଟଣାର ତଦନ୍ତ ପାଇଁ ପଞ୍ଚାୟତର କିଛି ବୁଦ୍ଧିଜୀବୀ ଜିଲ୍ଲାପାଳଙ୍କ ପାଖରେ ଲିଖିତ ଅଭିଯୋଗ କରିବା ସହିତ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

● ବଉଳାଙ୍ଗ ଆର୍‌ଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

## ବିଳମ୍ବ ହେଲେ ଅଫିସ ଘେରଉ କରାଯିବ

ନୟାହାଟ,୧୪।୧(ସମିସ): ବଉଳାଙ୍ଗ ଆରଆଇ ମାର୍ଶାଲ ପ୍ରଧାନ ନିଶାସକ୍ତ ହୋଇ ନିଜକୁ ପ୍ରଧାନମନ୍ତ୍ରୀ ତଥା ମୋଦୀ ମୋ ବେଷ୍ଟ ଫ୍ରେଣ୍ଡ କହିବା ଭିଡ଼ିଓ ଭାଇରାଲ ହେବା ଘଟଣା ନୟାହାଟ ଓ ତାହାର ଆଖପାଖ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ସମ୍ପର୍କିତ ଖବର ଗଣମାଧ୍ୟମରେ ପ୍ରକାଶ ପାଇଛି। ଘଟଣାର ୨୪ ଘଣ୍ଟା ବିତି ଯାଇଥିଲେ ମଧ୍ୟ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଗୋପ ତହସିଲଦାର୍ ଅନିଲ କୁମାର ମହାନ୍ତିଙ୍କୁ ପଚରିବାରେ ସେ କହିଛନ୍ତି, ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏହା ମୋ କ୍ଷମତା ବାହାରେ। ଏ ସମ୍ପର୍କରେ ସେ ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି। ଜିଲ୍ଲାପାଳ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଏ ନେଇ ବଉଳାଙ୍ଗର ପୂର୍ବତନ ସରପଞ୍ଚ କମଳାକାନ୍ତ କୁଅଁର କହିଛନ୍ତି ଆରଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପ୍ରଶାସନ ଯଦି ବିଳମ୍ବ କରେ ତେବେ ଚାଷୀମାନଙ୍କ ପକ୍ଷରୁ ଆରଆଇ ଅଫିସ ଘେରଉ କରାଯିବ।

## ଲଟାବୁଦାରେ ଭର୍ତ୍ତି ଗ୍ରାମୀଣ ପାର୍କ

ଅସ୍ତରଙ୍ଗ,୧୪।୧(ସମିସ): ଅସ୍ତରଙ୍ଗ ବ୍ଲକ ପାଟଳଦା ପଞ୍ଚାୟତରେ ନିର୍ମାଣ ହୋଇଥିବା ଗ୍ରାମୀଣ ପାର୍କ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଛି। ଉକ୍ତ ପାର୍କ ଘାସ, ଅନାବନା ଗଛ ଓ ଲଟାବୁଦାରେ ପରିପୂର୍ଣ୍ଣ ହୋଇଛି। ୨୦୨୧/୨୨ ଆର୍ଥିକ ବର୍ଷରେ ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ପାର୍କ ଅସ୍ତରଙ୍ଗରୁ ପର୍ଯ୍ୟଟନସ୍ଥଳୀ ଗଙ୍ଗା ଦେବୀ, ପୀର ଜାହାନିଆ ଯିବା ରାସ୍ତାରେ ପଡୁଥିବାରୁ ପର୍ଯ୍ୟଟକଙ୍କ ସମେତ ଅଞ୍ଚଳବାସୀଙ୍କ ଅବସର



ବିନୋଦନ ପାଇଁ ଉଦ୍ଦିଷ୍ଟ ଥିଲା। ପାର୍କ ନିର୍ମାଣ ହେବାର କିଛି ଦିନ ଅଞ୍ଚଳବାସୀ ପାର୍କର ମଜା ନେଇଥିଲେ। ପରବର୍ତ୍ତୀ ସମୟରେ ପାର୍କର ମୁଖ୍ୟ ଫାଟକରେ ତାଲା ଝୁଲିବା ସହିତ ରକ୍ଷଣାବେକ୍ଷଣ ହେଲାନାହିଁ। ଫଳରେ ପାର୍କ ପରିସର ଲଟାବୁଦା ଓ ଅନାବନା ଗଛରେ ଭର୍ତ୍ତି ହୋଇଗଲା। ପିଲାଙ୍କ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ଉକ୍ତ ପାର୍କ ଏବେ ସାପ ଓ ବନ୍ୟଜନ୍ତୁଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ପିଲାଙ୍କ ମନୋରଞ୍ଜନ ପାଇଁ ପାର୍କରେ ରଖାଯାଇଥିବା ବିଭିନ୍ନ ପଶୁପକ୍ଷୀଙ୍କ ପ୍ରତିମୂର୍ତ୍ତି ସବୁ ଚୋରି ହୋଇଗଲାଣି। ବସିବା ପାଇଁ ନିର୍ମାଣ ହୋଇଥିବା ପିଣ୍ଡି ଗୁଡିକ ସବୁ ଭାଙ୍ଗି ନଷ୍ଟ ହୋଇଯାଇଛି। ଘାସ ଗାଲିଚା ଏବେ ଘାସ ବଣରେ ପରିବର୍ତ୍ତନ ହୋଇଛି। ବିଶେଷ କରି ପାର୍କ ଭିତରେ ଥିବା ମୁକୁଳା ବିଦ୍ୟୁତ ଟ୍ରାନ୍ସଫର୍ମର ଅତ୍ୟନ୍ତ ବିପଦସଂକୁଳ ଅବସ୍ଥାରେ ରହିଛି। ପୁନର୍ବାର ଏହି ପାର୍କ କାର୍ଯ୍ୟକ୍ଷମ ହେବା ଓ ଭିତରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ଅନ୍ୟତ୍ର ସ୍ଥାନାନ୍ତର ହେବା ନେଇ ଅଞ୍ଚଳବାସୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ବ୍ୟାସକବି ଫକୀରମୋହନଙ୍କ ଜୟନ୍ତୀ

ଚାରିଛକ,୧୪।୧(ସମିସ): ଚାରିଛକସ୍ଥିତ ପ୍ରାଚୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ମଙ୍ଗଳବାର ତୁଳସୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଂସଦର ସଭାପତି ପ୍ରଫେସର ଗୋପୀନାଥ



କରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସମ୍ପାଦକ ଡଃ ସନ୍ତୋଷ କୁମାର ମିତ୍ର, ପ୍ରାଧ୍ୟାପକ ପଞ୍ଚାନନ ସାହୁ, ଶିକ୍ଷାବିତ କୈଳାଶ ଚନ୍ଦ୍ର ତ୍ରିପାଠୀ, ଶିକ୍ଷକ ତ୍ରିଲୋଚନ କର ପ୍ରମୁଖ ଯୋଗଦେଇ ବ୍ୟାସକବିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଅନୁଷ୍ଠିତ ସଭାରେ ଚାରିଛକ ସାମ୍ବାଦିକ ସଂଘ ସଭାପତି ପ୍ରଫୁଲ୍ଲ କର, ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ କାହ୍ନୁ ଚରଣ ବେହେରା, ଶିକ୍ଷାବିତ ନିରଞ୍ଜନ କର, ପୂର୍ବତନ ଗ୍ରନ୍ଥାଗାରିକ ମୂରଲୀଧର ଭାରତୀ, ସମାଜସେବୀ କୃଷ୍ଣଚନ୍ଦ୍ର ରାଉତ, ବନବିହାରୀ ଦାଶ, ଚିତ୍ତରଂଜନ ପୃଷ୍ଟି, ସଂପଦ କୁମାର ବେହେରା, ମଙ୍ଗଳା ମହାବିଦ୍ୟାଳୟ କାକଟପୁରର ଓଡିଆ ବିଭାଗ ଅଧ୍ୟାପକ ଶଶୀଭୂଷଣ ମୁଦୁଲି, ସାମ୍ବାଦିକ ବସନ୍ତ କୁମାର ମଲ୍ଲ, ସାମ୍ବାଦିକ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇ ବ୍ୟାସକବିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ନିରୋଦ କୁମାର ତ୍ରିପାଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶିକ୍ଷକ ତ୍ରିଲୋଚନ କର ଧନ୍ୟବାଦ ଅର୍ପଣ କରିଥିଲେ।

## ରକ୍ତଦାନ ଶିବିର

ନିମାପଡା,୧୪।୧(ସମିସ): ନିମାପଡା ଗୋପବନ୍ଧୁ ଚାରିଟେବଲ ଟ୍ରଷ୍ଟର ପ୍ରଚେଷ୍ଟା ଏବଂ ଜାତୀୟ ରେଡକ୍ରସର ସହାୟତାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଶିବିରରେ ୪୩ ୟୁନିଟ ରକ୍ତ ସଂଗ୍ରହ ହୋଇଅଛି। ଉକ୍ତ ଶିବିରରେ ମୁଖ୍ୟଅତିଥି ଭାବରେ ଡାକ୍ତର ବିଷ୍ଣୁ ଚରଣ ସାହୁ ଏବଂ ବିଚିତ୍ରାନନ୍ଦ ବିଶ୍ୱାଳ, ଶୈଳବାଳା ଶିଳ୍ପ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ଇଞ୍ଜିନିୟର ପ୍ରଦୀପ୍ତ କୁମାର ନନ୍ଦ, ପ୍ରଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ, ଟ୍ରଷ୍ଟର ସଭାପତି ଡାକ୍ତର ତରୁଣ କୁମାର ପଣ୍ଡା, ସମ୍ପାଦକ ପ୍ରତାପ କୁମାର ଜେନା ଏବଂ ଅନ୍ୟାନ୍ୟ ସଭ୍ୟ ମାଧବ ମୁଦୁଲି, ନବଘନ ଭୋଇ, ସତ୍ୟଶିବ ଦାସ, ପ୍ରକାଶ କୁମାର ଜେନା ଏବଂ ବସନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କଣାସ ଅଞ୍ଚଳରେ ଝାଡ଼ାବାନ୍ତି ଥମିବାର ନାଁ ଧରୁନି

କଣାସ,୧୪।୧(ସମିସ): କଣାସ ବ୍ଲକ ଅଞ୍ଚଳରେ ଝାଡ଼ାବାନ୍ତି ଥମିବାର ନାଁ ଧରୁନି। ପ୍ରତିଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ମିଳିଥିବା ସୂଚନା ମୁତାବକ ଗୋପୀନାଥପୁର ପଞ୍ଚାୟତର ଜାଗୁଳାଇପଦରରୁ ୨୨ ଜଣ, ଗୋପୀନାଥପୁର ୪, କଳାପଦରରୁ ୨ ଜଣ ଆକ୍ରାନ୍ତ ହୋଇଛନ୍ତି। ସେହିପରି ଗଡିଶାଗୋଦା ପଞ୍ଚାୟତର ପବଟଣା ଗ୍ରାମର ୨ ଜଣ, ଗଡିଶାଗୋଦାରୁ ୫, ନୂଆଗାଁ ଗ୍ରାମରୁ ୨୩ ଜଣ ବ୍ୟକ୍ତି ଆକ୍ରାନ୍ତ ହୋଇଥିବା ଜଣାପଡିଛି। ପାଣ୍ଡିଆକେରା, ବଡାସ, ଦୋକନ୍ଦା, ଘରଛିଆ ଗ୍ରାମରୁ ଝାଡ଼ାବାନ୍ତି ଆକ୍ରାନ୍ତ ରୋଗୀ ମଙ୍ଗଳବାର କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ତିନି ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗମ୍ଭୀର ଥିବାରୁ ପୁରୀ ଓ ଭୁବନେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନେକ ବ୍ୟକ୍ତି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଘରୋଇ ଡାକ୍ତରଙ୍କ ପାଖରେ ଚିକିତ୍ସିତ ହେଉଛନ୍ତି। ସୋମବାର ଏ ସମ୍ପର୍କରେ ଖବର ପ୍ରକାଶ ପାଇବାରେ ଆଜି କଣାସରୁ ଡାକ୍ତର ବିଶ୍ୱରଂଜନ ଜେନାଙ୍କ ସହ ଏକ ଡାକ୍ତରୀ ଦଳ ଗ୍ରାମମାନଙ୍କରେ ପହଁଚି ରୋଗୀଙ୍କ ଚିକିତ୍ସା କରିବା ସହିତ ଜନସାଧାରଣଙ୍କୁ ସଚେତନ କରାଇଛନ୍ତି। ସୂଚନାଥାଉକି ଝାଡ଼ାବାନ୍ତିରେ ନୂଆଗାଁରୁ ଦୁଇ ଜଣ ପ୍ରାଣ ହରାଇଛନ୍ତି। ଦୟା ନଦୀର ଦୂଷିତ ପାଣି ବ୍ୟବହାର କରି ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା କୁହାଯାଉଛି।



ଗାଁ ଗାଁକୁ ବୁଲିଲେ ଡାକ୍ତରୀ ଟିମ୍

### ଝାଡ଼ାବାନ୍ତି ଯୋଗୁ ନୂଆଗାଁରେ ପାଳିଲେନି ମକର

କଣାସ ବ୍ଲକର ପ୍ରତ୍ୟେକ ଗ୍ରାମାଞ୍ଚଳରେ ଆଜି ମକରସଂକ୍ରାନ୍ତି ପାଇଁ ପ୍ରତି ଘରେ ଘରେ ଓ ମନ୍ଦିରରେ ମକର .ଉଳ ଭୋଗ କରାଯାଉଥିବା ବେଳେ ଗଡିଶାଗୋଦା ପଞ୍ଚାୟତର ନୂଆଗାଁରେ ଝାଡ଼ାବାନ୍ତି ଲାଗି ରହିଥିବାରୁ ମକର ସଂକ୍ରାନ୍ତି ପାଇଁ ମକର .ଉଳ ଘରେ କେହି ପୂଜା କରିବେ ନାହିଁ ବୋଲି ଗ୍ରାମରେ ବୈଠକ ବସି ନିଷ୍ପତ୍ତି ନିଆଯିବାପରେ କେବଳ ଠାକୁରଙ୍କ ପାଖରେ ପୂଜା ବିଧି ଅନୁଯାୟୀ ମକର .ଉଳ ଭୋଗ କରାଯାଇଛି।

### କନ୍ତିଆ-କାନପୁର ସେବା ସମବାୟ ସମିତି ଧାନମଣ୍ଡିର ଶୁଭାରମ୍ଭ

ନିମାପଡା,୧୪।୧(ସମିସ): ନିମାପଡା ବ୍ଲକ ଛଣିଜଙ୍ଗ ପଞ୍ଚାୟତ କନ୍ତିଆ-କାନପୁର ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ଛଣିଜଙ୍ଗ ପଞ୍ଚାୟତରେ ୫୭୨ ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି। ପ୍ରଥମ ଦିବସରେ ୪ଜଣ ଚାଷୀଙ୍କ ଠାରୁ ୧୫୭ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିବା ଜଣାପଡିଛି। ଏହି ମଣ୍ଡି ଶୁଭାରମ୍ଭ ଉତ୍ସବରେ ସେବା ସମବାୟ ସମିତିର ସଭାପତି ମହେନ୍ଦ୍ର କୁମାର ମହାପାତ୍ର, ଧାନ କ୍ରୟ କମିଟି ସଭାପତି ଦୁର୍ଯ୍ୟୋଧନ ମହାନ୍ତି, ସରପଞ୍ଚ ଅଜୟ ପରିଡା, ବିଜେପି ନେତା ଭକ୍ତବନ୍ଧୁ ବିଶ୍ୱାଳ, ସମବାୟ ସମିତି ସମ୍ପାଦକ ରମାକାନ୍ତ ନାୟକ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ କାଳନ୍ଦୀ ଚରଣ ନାୟକ, ପ୍ରେମାନନ୍ଦ ସ୍ୱାଇଁଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

● ଜବରଦଖଲକାରୀଙ୍କ କବ୍‌ଜାରେ ଗୋଚର ଜମି

## ଉଚ୍ଛେଦ ନ ହେଲେ ଆନ୍ଦୋଳନ ଚେତାବନୀ

ବାଙ୍ଗୁରୀଗାଁ,୧୪।୧(ସମିସ): କାକଟପୁର ତହସିଲ ଅଧୀନସ୍ଥ ଛୋଟରାୟପୁର ମୌଜାର ଖାତା ନମ୍ବର ୩୫୬ ପ୍ଲଟ ନମ୍ବର ୧୩୪୫ରେ ଥିବା୨୬ ଡିସିମିଲ ସରକାରୀ ପତିତ କିସମ ଜମି ଉପରେ ଗୃହ ନିର୍ମାଣକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ସରକାରୀ ଜାଗାରୁ ନବନିର୍ମିତ ଗୃହକୁ ଭାଙ୍ଗିବା ସହିତ ଜବରଦଖଲ ଉଚ୍ଛେଦ ପାଇଁ ଛୋଟରାୟପୁର ଗ୍ରାମର ରବୀନ୍ଦ୍ର ନାୟକ, ଦ୍ୱିଜବର ନାୟକ, ଅର୍ଜୁନ ପାତ୍ର, ବୈକୁଣ୍ଠ ପାତ୍ର, ସୁରେନ୍ଦ୍ର ନାୟକଙ୍କ ସମେତ ବହୁ ବ୍ୟକ୍ତି କାକଟପୁର ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। କାକଟପୁର ତହସିଲ ପ୍ରଶାସନ ଏହି ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ନ କରେ ତେବେ ଉପରୋକ୍ତ ବ୍ୟକ୍ତିମାନେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଏହି ସରକାରୀ ଜାଗାରେ ପୂର୍ବରୁ ଗୋରୁ ହାଟ ବସୁଥିଲା। ଛୋଟରାୟପୁର ଗ୍ରାମର ଦୁଇ ଜଣ ବ୍ୟକ୍ତି ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ଉକ୍ତ ସରକାରୀ ଜାଗାକୁ ଜବରଦଖଲକରି ଜୋର ଜବରଦସ୍ତ ଗୃହ ନିର୍ମାଣ କରୁଛନ୍ତି। ଏପରିକି କେତେକ ସ୍ଥାନରେ ସରକାରୀ ରାସ୍ତା ବି ଜମି ମାଫିଆଙ୍କ କବଳରେ ରହିଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ବାରମ୍ବାର ଅଭିଯୋଗ ପରେ ତହସିଲ କର୍ତ୍ତୃପକ୍ଷ ସରକାରୀ ଜାଗାରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବାର ନାଁ ଧରୁନାହିଁ। ଏ ସଂକ୍ରାନ୍ତରେ ତହସିଲଦାର ଅଙ୍କିତା ଅନିନ୍ଦିତାଙ୍କୁ ପଚାରିବାରେ ସେ ଅଭିଯୋଗ ସମ୍ପର୍କରେ ଅବଗତ ଅଛନ୍ତି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ କରି ରିପୋର୍ଟ ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବବୋଲି ତହସିଲଦାର କହିଛନ୍ତି।



### ବିଧାୟକଙ୍କ ସମୀକ୍ଷା ବୈଠକ

କଣାସ,୧୪।୧(ସମିସ): କଣାସ ବ୍ଲକର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ରାସ୍ତା, ପାନୀୟଜଳ ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଭିତ୍ତି ଓ ଅଗ୍ରଗତି ସ୍ଥିତି ଜଣାବା ନିମନ୍ତେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଏକ ସମୀକ୍ଷା ବୈଠକ କଣାସ ପଞ୍ଚାୟତ ସମିତି ଗୃହରେ କରିଛନ୍ତି। ଏଥିରେ ବିଡ଼ିଓ ନାରାୟଣ ସାହୁ, ପଞ୍ଚାୟତସମିତି ଅଧ୍ୟକ୍ଷା ପ୍ରଭାତୀ ରାଉତ, ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, ଅତିରିକ୍ତ ବିଡିଓ ମଙ୍ଗଳସିଂହ ହେମ୍ବ୍ରମ୍, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

କଣାସ,୧୪।୧(ସମିସ): କଣାସ ବ୍ଲକ ଦିବ୍ୟସିଂହପୁର ପଞ୍ଚାୟତର ଦିବ୍ୟସିଂହପୁର ଗ୍ରାମର ଆରାଧ୍ୟଠାକୁର ବାବା ବାଲୁଙ୍କେଶ୍ୱର ପୀଠରେ ୮ତାରିଖରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ୧୩ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ୬ ଦିନ ଧରି ପଣ୍ଡିତମାନେ ଅଙ୍କୁରାରୋପଣ, କଳସଯାତ୍ରା ଓ ବିଭିନ୍ନ ପୂଜା କରିବା ସହିତ ଶହଶହ ଭକ୍ତଙ୍କ ଉପସ୍ଥିତିରେ ପୂର୍ଣ୍ଣାହୂତି କାର୍ଯ୍ୟ କରିଥିଲେ।

### କମ୍ୟୁନିଷ୍ଟ ନେତାଙ୍କ ବିୟୋଗ

ଚାରିଛକ,୧୪।୧(ସମିସ): ଚାରିଛକ ନିକଟସ୍ଥ ବିଶିମାତ୍ରୀ ଗ୍ରାମର ବରିଷ୍ଠ କମ୍ୟୁନିଷ୍ଟ ନେତା ତଥା ଅବସରପ୍ରାପ୍ତ ଅମିନ ନାରାୟଣ ନାୟକ (୮୫)ଙ୍କ ମଙ୍ଗଳବାର ପରଲୋକ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁଅ, ଦୁଇ ଝିଅ, ଦୁଇ ସାନଭାଇ, ବନ୍ଧୁବାନ୍ଧବ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କ ପରଲୋକ ଖବର ଶୁଣି ସ୍ଥାନୀୟ ଅଞ୍ଚଳର କମ୍ୟୁନିଷ୍ଟ ନେତା କୃଷ୍ଣଚନ୍ଦ୍ର ରାଉତ, ସନାତନ ପାତ୍ର, ସନ୍ତୋଷ ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାର ଠାରେ ଶେଷକୃତ ସମ୍ପନ୍ନ କରାଯାଇଛି। ବଡପୁଅ ସୁଶାନ୍ତ ମୁଖାଗ୍ନି ଦେଇଥିଲେ।

### ଗୋଦାମ ଘର ପାଇଁ ଅର୍ଥ ମଞ୍ଜୁର

ନିମାପଡା,୧୪।୧(ସମିସ): ନିମାପଡା ବ୍ଲକ ଅନ୍ତର୍ଗତ ଭୋଗଶାଳଦା ପଞ୍ଚାୟତ ଅଂଶାଳୋ ସେବା ସମବାୟ ସମିତିର ନୂତନ ଗୋଦାମ ଘର ନିର୍ମାଣ ନିମନ୍ତେ ୩୦ଲକ୍ଷରୁ ଊର୍ଦ୍ଧ୍ୱ ଅର୍ଥ ମଞ୍ଜୁର ହୋଇଛି। ଏହି ଅନୁଦାନ ମଞ୍ଜୁର ହେବାରେ ସମିତିର ସଭ୍ୟ/ସଭ୍ୟା ଓ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଖୁସି ପ୍ରକଟ କରିଛନ୍ତି। ସମିତିର ସଭ୍ୟ ରଣଜିତ ସାହୁ, ସୁଧିର ଚରଣ ସାହୁ, ଗୋପବନ୍ଧୁ ଲେଙ୍କା, ସୁଧିର ମହାନ୍ତି, ଗଙ୍ଗାଧର ଲେଙ୍କା, ରବୀନ୍ଦ୍ର ସାହୁ, ନୀଳକଣ୍ଠ ସାହୁ, ବାବାଜୀ ସାହୁଙ୍କ ସମେତ ସମସ୍ତ ସଭ୍ୟମାନେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ଓ ସମବାୟ ସମିତି ନିବନ୍ଧକଙ୍କୁ କୃତଜ୍ଞତା ଜଣାଇଛନ୍ତି।

● ଆସୁଛି ଟୋକନ; ଖୋଲୁନି ମଣ୍ଡି

## ଦଲାଲଙ୍କୁ ଶାଗମାଛ ଦରରେ ଚାଷୀ ବିକୁଛନ୍ତି ଧାନ

ପିପିଲି,୧୪।୧(ସମିସ): ଲଘୁଚାପଜନିତ ବର୍ଷା ଯୋଗୁ ଧାନ ଫସଲ ନଷ୍ଟ ହୋଇ ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛନ୍ତି। ଯାହାକିଛି ଚାଷୀ ସଞ୍ଚୟ କରି ରଖିଛନ୍ତି ତାହାକୁ ମଣ୍ଡି ଖୋଲି ନ ଥିବାରୁ ଦଲାଲଙ୍କୁ ଶାଗମାଛ ଦରରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ପିପିଲି ବ୍ଲକର ପ୍ରାୟ ହଜାର ହଜାର ହେକ୍ଟର ଜମିରେ ଧାନ ଫସଲ ନଷ୍ଟ ହୋଇଛି। ଉଜୁଡ଼ା କ୍ଷେତରୁ ବହୁ କଷ୍ଟରେ ଚାଷୀ ଅମଳ କରିଥିବା ଧାନ ସାଇତି ରଖିଛି। ଗଜା ଧାନକୁ ଅଲଗା କରି ଭଲ ଧାନକୁ ଖରାରେ ଶୁଖାଇ ବସ୍ତା ବାନ୍ଧି ରଖିଛନ୍ତି। ଉପାର୍ଜିତ ଧାନକୁ ମଣ୍ଡିରେ ଦେଇ ମିଳିବାକୁ ଥିବା ଅର୍ଥ ରାଶିରେ ବ୍ୟାଙ୍କରୁ କରିଥିବା ଋଣ ତଥା ପିଲାମାନଙ୍କ ପାଇଁ ପାଠପଢା ଖର୍ଚ୍ଚ ତୁଲାଇବା ପାଇଁ ଅନେକ ଚାଷୀ ଅନାଇ ବସିଛନ୍ତି। ଅନେକ ଚାଷୀଙ୍କ ପାଖକୁ ଟୋକ ଆସିଛି। ହେଲେ ମଣ୍ଡି ଖୋଲୁ ନ ଥିବାରୁ ଚାଷୀ ତା' ଧାନ ଗଣ୍ଡାକ ବିକ୍ରି କରିପାରୁନାହିଁ। ସରକାର ଘୋଷଣା କରିଥିବା ୩୧ଶହ ଟଙ୍କା ଧାନର ସହାୟକ ମୂଲ୍ୟକୁ ଅନେକ ରହିଥିବା ବେଳେ ବିଳମ୍ବ କାରଣରୁ ପଡ଼ୋଶୀ ଆନ୍ଧ୍ର ଏବଂ ପଶ୍ଚିମବଙ୍ଗର ଧାନ ବ୍ୟବସାୟୀମାନେ ଦଲାଲଙ୍କ ମାଧ୍ୟମରେ କ୍ୱିଣ୍ଟାଲ ପ୍ରତି ୧୮ ଶହରୁ ଦୁଇ ହଜାର ଟଙ୍କା ମଧ୍ୟରେ ଧାନ କିଣୁଛନ୍ତି। ଗତ ଲଘୁଚାପ ଜନିତ ବର୍ଷାରେ ପିପିଲି ବ୍ଲକରେ ହାରାହାରି ୬୦୯୦ ହେକ୍ଟର ଧାନ ଚାଷ କ୍ଷତିଗ୍ରସ୍ତ ହୋଇଥିବା କୃଷି ବିଭାଗ ସୂତ୍ରରୁ ଜଣାପଡ଼ିଛି। ଆରଆଇମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ଚାଷୀମାନଙ୍କ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ପ୍ରକୃତ ପକ୍ଷେ କେତେ ଜଣ ଚାଷୀଙ୍କର କେତେ ଏରିଆ କ୍ଷତିଗ୍ରସ୍ତ ହୋଇଛି ସେ ସମ୍ପର୍କରେ ଏପର୍ଯ୍ୟନ୍ତ ତଦନ୍ତ ରିପୋର୍ଟ ସ୍ପଷ୍ଟ ହୋଇନାହିଁ। ସବୁଠାରୁ ବଡ଼ କଥା କିଭଳି ଭାବରେ ଭାଗ ଚାଷୀମାନେ ସେମାନଙ୍କ କ୍ଷତିପୂରଣ ରାଶି ପାଇବେ ସେ ସମ୍ପର୍କରେ ରାଜ୍ୟ ସରକାର କୌଣସି ସଠିକ୍ ତଥ୍ୟ ରଖି ନ ଥିବାବେଳେ ଚାଷୀ ହେକ୍ଟର ପିଛା କେତେ ପାଇବେ ତାହା ଅସ୍ପଷ୍ଟ ହୋଇ ରହିଛି। ପିପିଲି ବ୍ଲକର ୧୭ ଗୋଟି ସମବାୟ ସମିତି ଦ୍ୱାରା ପ୍ରାୟ ୫୮୮୧ ଜଣ ଚାଷୀ ଧାନ ଦେବା ପାଇଁ ପଞ୍ଜୀକୃତ କରିଥିବା ବେଳେ ଆଜି ପର୍ଯ୍ୟନ୍ତ କୌଣସି ଗୋଟିଏ ହେଲେ ବି ମଣ୍ଡି ଖୋଲିପାରିନାହିଁ। ଯେଉଁ ଚାଷୀମାନଙ୍କ ମୋବାଇଲକୁ ଧାନ ଦେବା ପାଇଁ ଟୋକନ ଆସିଛି ସେମାନଙ୍କ ଟୋକନ ଲାପ୍ସ ହେବାକୁ ବସିଲାଣି। ଏହି ସମ୍ପର୍କରେ ପୁରୀ ଜିଲ୍ଲା ଏଆରସିଏସ ସ୍ୱରୂପ କରଙ୍କୁ ଯୋଗାଯୋଗ କରିବାରେ ସେ କହିଛନ୍ତି ଏ ସମ୍ପର୍କରେ ବୈଠକ କରି ଖୁବ୍ ଶୀଘ୍ର ପିପିଲିରେ ଧାନ ମଣ୍ଡିର ଶୁଭାରମ୍ଭ କରିବା ସହିତ ସମସ୍ତ ମଣ୍ଡିରେ ଧାନ ସଂଗ୍ରହ କରାଯିବ।

## ବିଭିନ୍ନ ସ୍ଥାନରେ ମକର ମେଳା

ନୟାହାଟ,୧୪।୧(ସମିସ): ନୟାହାଟ ଫାଣ୍ଡି ଅଞ୍ଚଳରେ ବିଭିନ୍ନ ସ୍ଥାନରେ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ଦେସ୍ଥଳି ପଞ୍ଚାୟତ ଘୋଡ଼ାଦଣ୍ଡା ଠାକୁରାଣୀଙ୍କ ପୀଠରେ ୩୦୦ତମ ମକର ମେଳା ଅନୁଷ୍ଠିତ ହୋଇଥିବା ବେଳେ ଦେସ୍ଥଳିର ମା' ମଙ୍ଗଳାଙ୍କ ପୀଠରେ ମକର ମେଳା ଉପଲକ୍ଷେ ଯାନିଯାତ୍ରା ହୋଇଛି। ସ୍ଥାନୀୟ ଯୁବ ନେତା ମକରଧ୍ୱଜ ସ୍ୱାଇଁ ମା'ଙ୍କ ପୀଠରେ ପହଞ୍ଚି ଦର୍ଶନ କରିବା ସହ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରିଥିଲେ। ସୋରଭା ପଞ୍ଚାୟତର ଜହ୍ନିମାଳିଆ ଛକରେ ତ୍ରିନାଥ ଠାକୁରଙ୍କ ମକର ମେଳା ଲକ୍ଷ୍ମୀ ବାବାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି।

କାକଟପୁର: ପୌରାଣିକ ପବିତ୍ର ପ୍ରାଚୀ ନଦୀ କୂଳରେ ଅବସ୍ଥିତ ଅଷ୍ଟାଦଶ ଶତାବ୍ଦୀର ପୁରାତନ ବିଷ୍ଣୁ ପ୍ରତିମା (ମାଧବାନନ୍ଦ)ଙ୍କ ପୀଠରେ ମକର ପର୍ବ ପାଳିତ ହୋଇଛି। ଏହି ଅବସରରେ ଜଗତସିଂହପୁର, କେନ୍ଦ୍ରାପଡା, କଟକ, ପୁରୀ ସମେତ ଅନ୍ୟାନ୍ୟ ଜିଲ୍ଲାର ମାଧବ ଭକ୍ତମାନଙ୍କ ସମାଗମ ହୋଇଛି। ମାଧବାନନ୍ଦ ଯୁବ ନାଟ୍ୟ ପରିଷଦ ନିଳକଣ୍ଠପୁର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଣ୍ଟାପଡା ପଞ୍ଚାୟତ ବଲରା ଗ୍ରାମ ସନ୍ନିକଟରେ ମାଧବାନନ୍ଦ ପୂଜିତ ହେଉଛନ୍ତି। ବିଶେଷ କରି ଶ୍ୱାସ ରୋଗ ଭଳି ପୁରାତନ ଦୂରାରୋଗ୍ୟରେ ପୀଡିତ ରୋଗୀମାନେ ବିଶ୍ୱାସ ସହକାରେ ଭଗବାନଙ୍କ ଆଶ୍ରିତ ହୋଇ ରୋଗରୁ ଉପଶମ ପାଉଥିବାରୁ ମାଧବାନନ୍ଦଙ୍କ ମହିମା ଚାରିଆଡ଼େ ପ୍ରସାରିତ ହୋଇଥାଏ। ସେହିପରି ପତିସାହିସ୍ଥିତ ମହାବୀର ମନ୍ଦିର, ସମେଶ୍ୱର ମନ୍ଦିର ସମେତ ପ୍ରାଚୀ ଅବବାହିକାରେ ଅବସ୍ଥିତ ଅଷ୍ଟଶମ୍ଭୁ ଓ ଦ୍ୱାଦଶ ମାଧବ ପୀଠ ଗୁଡିକରେ ମକର ସଂକ୍ରାନ୍ତି ପର୍ବ ବହୁ ଧୂମଧାମରେ ପାଳନ କରାଯାଇଅଛି।



ନିମାପଡ଼ା: ପୁରୀ ଜିଲ୍ଲା ନିମାପଡା ବ୍ଲକ ଓ ଚାରିଛକ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ମକର ସଂକ୍ରାନ୍ତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମକର ଉତ୍ସବ ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ହୀରା ପାଟଣା ପ୍ରାଚୀତଟ ବେଳବଣ ମଠ ଆର୍ତ୍ତତ୍ରାଣ ଗାଦିବ୍ରହ୍ମ, କ୍ଷୀର ଗଛ ମଠ, ପ୍ରାଚୀତଟ ବ୍ରାହ୍ମଣ ସାହି ପାଖ ଆର୍ତ୍ତତ୍ରାଣ ଗାଦିବ୍ରହ୍ମ ପୀଠ, ଅମରେଶ୍ୱର, ବନ୍ଦେଶ୍ୱର ଗୁରୁଦେବ ପୀଠ ସହିତ ବାହାରଣା ପଞ୍ଚାୟତ କଳାପାଞ୍ଚଣ ପଞ୍ଚାୟତ ସିଦ୍ଧ ମଠ, ଭୋଦର ପଞ୍ଚାୟତ ନୂଆଗାଁ ଆଆରାମବାଳା ଆଶ୍ରମ, ଓରପଟ ଜଗନ୍ନାଥ ମନ୍ଦିର, ତମ୍ପାଳ ପଞ୍ଚାୟତରେ ନୂଆଗାଁ ବେଲେଶ୍ୱର ପୀଠ ପ୍ରମୁଖ ସ୍ଥାନରେ ମକର ପୂଜା ଉତ୍ସବ ପାଳନ କରାଯାଇଛି। ପ୍ରତ୍ୟେକ ମଠ ମନ୍ଦିରରେ ନାମ ସଂକୀର୍ତ୍ତନରେ କମ୍ପି ଉଠିଥିଲା। ଏହି ଉପଲକ୍ଷେ ମାନସିକଧାରୀମାନେ ନିକଟସ୍ଥ ପ୍ରାଚୀ ନଦୀରେ ବୁଡ଼ ପକାଇଛନ୍ତି।

### ବର୍ଷକୁ ଥରେ ଠାକୁରଙ୍କୁ ଲାଗିହେଲା ଅରୁଆ ଚାଉଳ

## ମକର ଚାଉଳ ବାସ୍ନାରେ ମହକିଲା ସାକ୍ଷୀଗୋପୀନାଥ ମନ୍ଦିର

ସାକ୍ଷୀଗୋପାଳ,୧୪।୧(ସମିସ): ସାକ୍ଷୀଗୋପୀନାଥଙ୍କ ମନ୍ଦିରରେ ବର୍ଷକୁ ଥରେ ମକର ଚାଉଳ ଲାଗି ହୋଇଛି। ମକର ଚାଉଳର ବାସ୍ନାରେ ମନ୍ଦିର ପରିସର ବାସ୍ନାମୟ ହୋଇଉଠିଛି। ପୁରାଣ ଶାସ୍ତ୍ର ମତରେ ପୁଷମାସରେ ମହାଲକ୍ଷ୍ମୀ ବାପଘରକୁ ଯାଇଥାନ୍ତି। ମାସାନ୍ତ ଦିନ ମହାଲକ୍ଷ୍ମୀ ବାପ ଘରୁ ମନ୍ଦିରକୁ ଫେରିଥାନ୍ତି। ଫେରିବା ସମୟରେ ସାଙ୍ଗରେ ନାନା ଭାର ଆଣିଥାନ୍ତି। ସେହି ଭାରରେ ତୁଳସି, ଫୁଲ ମାଳ ସହ ନୂଆ ଅରୁଆ ଚାଉଳ, ପାଚିଲା କଦଳୀ, ଶାକର, ନବାତ, ଛେନା ଘିଅ, ମହୁ, କ୍ଷୀର, ସର ଲବଣୀ, ନଡିଆ, ଫଳମୂଳ, ଧନୁମୁଆଁ, ଠାକୁରଙ୍କ ପାଇଁ ନୂତନ ବସ୍ତ୍ର ଆଣିଥାନ୍ତି। ଅନ୍ୟ ପକ୍ଷେ ସାକ୍ଷୀଗୋପାଳ ମନ୍ଦିରରେ ପ୍ରଭୁ ସାକ୍ଷୀଗୋପୀନାଥଙ୍କୁ ବର୍ଷସାରା ଶୁଖିଲି ଭୋଗ ସହ ଅନ୍ୟାନ୍ୟ ଭୋଗ ପ୍ରଦାନ କରାଯାଇଥାଏ। ମାତ୍ର ବର୍ଷକୁ ଥରେ ମକର ସଂକ୍ରାନ୍ତିରେ ଚାଉଳ ଭୋଗ ଲାଗି କରାଯିବାର ପରମ୍ପରା ରହିଛି। ମକରଚାଉଳ ପ୍ରସ୍ତୁତି ସାମଗ୍ରୀ ବିକ୍ରି ପାଇଁ ମନ୍ଦିର ସମ୍ମୁଖରେ ବ୍ୟବସାୟୀ ମାନେ ପସରା ଖୋଲିଥିଲେ। ମକର ଭୋଗ ପାଇବା ପାଇଁ ଭକ୍ତ ମାନଙ୍କ ମଧ୍ୟରେ ବେଶ ଆଗ୍ରହ ଦେଖିବାକୁ ମିଳିଥିଲା। ସେହିପରି ବିଭିନ୍ନ ମଠ ଓ ମନ୍ଦିରଗୁଡିକରେ ମକର .ଉଳ ଭୋଗ କରାଯାଇଛି। ଘରେ ଘରେ ମଧ୍ୟ ମକର ଭୋଗ ପ୍ରସ୍ତୁତି କରାଯାଇ ଈଶାଣ ଓ ଘର ଠାକୁରଙ୍କୁ ଭୋଗ କରାଯିବା ପରେ ସାହି ପଡିଶାରେ ବଣ୍ଟା ଯାଇଛି।



● ଚାଷୀ ଶୁଝିପାରିଲେନି ଋଣ

## ବନ୍ଧକ ଜମିକୁ ନିଲାମ କଲା ବ୍ୟାଙ୍କ

ନିମାପଡା,୧୪।୧(ସମିସ): ବ୍ୟାଙ୍କରେ ଜମି ବନ୍ଧକ ରଖି ଋଣ ନେଇ ଚୁକ୍ତି ସମୟନୁଯାୟୀ ନ ଶୁଝିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ସମ୍ପୃକ୍ତ ବ୍ୟକ୍ତିଙ୍କ ଜମି ନିଲାମ କରିଛନ୍ତି। ଜମି ହରାଇଥିବା ସମ୍ପୃକ୍ତ ଚାଷୀ ନ୍ୟାୟ ପାଇଁ ଦାବି କରିଛନ୍ତି। ସୂଚନା ମୁତାବକ ନିମାପଡ଼ା ବ୍ଲକ ଅନ୍ତର୍ଗତ ତେରୁଣ୍ଡିଆ ଗ୍ରାମର ଚାଷୀ ଜଟାଧାରୀ ନାୟକ ଗତ ୨୦୧୨ରେ ନିମାପଡା ନୀଳାଚଳ ଗ୍ରାମ୍ୟବ୍ୟାଙ୍କରେ ତାଙ୍କର ୪ଏକର ଜମି ଏବଂ ୩ ଲକ୍ଷ ଟଙ୍କାର ମିଆଦୀ ଜମା ରଖି ୨୧ ଲକ୍ଷ ଟଙ୍କା ଋଣ ନେଇଥିଲେ। କୁକୁଡା ଚାଷ, ଗୋପାଳନ ପାଇଁ କୃଷି ବିଭାଗ ଯୋଜନାନୁସାରେ ନେଇଥିବା ଋଣ ଟଙ୍କା ବିନିଯୋଗ ହେବ ବୋଲି ନୀଳାଚଳ ବ୍ୟାଙ୍କ ସହ ତାଙ୍କର ଚୁକ୍ତି ହୋଇଥିଲା। ଋଣ ନେବା ପରେ ପ୍ରାକୃତିକ ବିପର୍ଯ୍ୟୟ ଓ ବିଭିନ୍ନ କାରଣ ଯୋଗୁଁ ଚାଷୀ ଜଟାଧାରୀ ସମୟନୁଯାୟୀ ଋଣ କିସ୍ତି ଦେଇପାରିନଥିଲେ। କିସ୍ତି ଦେଇନପାରିବାରୁ ବ୍ୟାଙ୍କ ଋଣ ଖିଲାପକାରୀ ଦର୍ଶାଇ ମୂଳ ଓ ସୁଧ ଟଙ୍କା ମିଶାଇ ୫୪ ଲକ୍ଷ ୫୦ ହଜାର ଟଙ୍କା ଆଦାୟ କରିବା ପାଇଁ ନୋଟିସ କରିଥିଲା। ବ୍ୟାଙ୍କ ନୋଟିସ ପରେ ଚାଷୀ ଜଟାଧାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ସମୟ ମାଗିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଜଟାଧାରୀ ୨ଲକ୍ଷ ଏବଂ ୩ ଲକ୍ଷ ଏଭଳି ଭାବେ ୨ ଥରରେ ମୋଟ ୫ ଲକ୍ଷ ଟଙ୍କା ଜମା କରିଥିଲେ। କିନ୍ତୁ ବ୍ୟାଙ୍କ ଜଟାଧାରୀଙ୍କ ବନ୍ଧକ ଜମିକୁ ପଡିଆ ପଡିଥିବା ଦର୍ଶାଇ ୩୩ ଲକ୍ଷ ୫୧ ହଜାର ଟଙ୍କାରେ ନିଲାମ କରି ଦେଇଛି। ଏପରିକି ଏହି ନିଲାମ ପକ୍ରିୟାରେ ବ୍ୟାଙ୍କ ଜଟାଧାରୀଙ୍କୁ ଭାଗ ନେବାରେ ସୁଯୋଗ ନଦେଇ ଉଦ୍ଦେଶ୍ୟମୂଳକ ଭାବେ ନିଲାମ କରିଦେଇଛି ବୋଲି ଜଟାଧାରୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ନୀଳାଚଳ ଗ୍ରାମ୍ୟବ୍ୟାଙ୍କ ପରିଚାଳକଙ୍କୁ ପଚାରିବାରେ ଚାଷୀ ଜଟାଧାରୀ ଋଣ ନେଇ କିସ୍ତି ଶୁଝିବାରେ ବିଳମ୍ବ କରିଆସୁଥିଲେ। ବାରମ୍ବାର ନୋଟିସ ସତ୍ତ୍ୱେ ସେ ଋଣ ଟଙ୍କା ପରିଶୋଧ କରୁ ନ ଥିଲେ। ତେଣୁ ବନ୍ଧକ ଜମିକୁ ନିଲାମ କରାଯାଇଛି ବୋଲି କହିଛନ୍ତି।

## ନୟାଗଡ଼ ପୌର ପରିଷଦ

# ସଫେଇ ଗାଡ଼ିର ବୀମା ଓ ଫିଟ୍‌ନେସ୍ ନାହିଁ

ନୟାଗଡ଼,୧୪।୧(ସମିସ): ନୟାଗଡ଼ ପୌର ପରିଷଦରେ ଅଚଳାବସ୍ଥା ଓ ଅବ୍ୟବସ୍ଥା ସହରବାସୀଙ୍କୁ ଚିନ୍ତାରେ ପକାଇଛି। କିଛିଦିନ ତଳେ ପୌର ପରିଷଦ ଅଧୀନସ୍ଥ ଆହାର କେନ୍ଦ୍ରରେ ଖାଦ୍ୟ ଯୋଗାଣ କରୁଥିବା ଗାଡ଼ିଗୁଡ଼ିକର ବୀମା, ପଲ୍ୟୁସନ୍ ସାର୍ଟିଫିକେଟ ଓ ଫିଟ୍‌ନେସ୍ ନଥିବା 'ସକାଳ' ଖବରକାଗଜ ସାମ୍ନାକୁ ଆଣିଥିବା ବେଳେ ଏବେ ପୌର ପରିଷଦ ସଫେଇ କାର୍ଯ୍ୟରେବ୍ୟବହୃତହେଉଥିବାଗାଡ଼ିରବୀମା, ଫିଟ୍‌ନେସ୍ ଓ ପଲ୍ୟୁସନ୍ ସାର୍ଟିଫିକେଟ ନଥିବା ସାମ୍ନାକୁ ଆସିଛି। ନୟାଗଡ଼ ପୌର ପରିଷଦ ସଫେଇ କାର୍ଯ୍ୟରେ ଏକାଧିକ ଟ୍ରାକ୍ଟର, ଟାଟାଏସି ମାଲ ବୋଝେଇ ଗାଡ଼ି ବ୍ୟବହୃତ ହେଉଛି। ନୟାଗଡ଼ ପୌର ପରିଷଦ ମାଲିକାନାରେ କିଛି ଗାଡ଼ି ରହିଥିବା ବେଳେ କିଛି ଗାଡ଼ି ଗ୍ରୀନ୍ ସର୍କଲ ଏଜେନ୍ସି ଦ୍ୱାରା ସଫେଇ କାର୍ଯ୍ୟରେ ନିୟୋଜିତ କରାଯାଇଛି। ସେଗୁଡ଼ିକ ମଧ୍ୟରୁ ଓଡି-୨୫ଏ-୨୬୩୪ ନମ୍ବର ବିଶିଷ୍ଟ ଟ୍ରାକ୍ଟର ୨୦୨୩ ମାର୍ଚ୍ଚ ମାସରୁ ଫିଟ୍‌ନେସ ନଥିବା, ୨୦୨୪ ମାର୍ଚ୍ଚରୁ ବୀମା ନଥିବା ଏବଂ ପଲ୍ୟୁସନ୍ ସାର୍ଟିଫିକେଟ୍ ନଥିବା ଜଣାପଡ଼ିଛି। ଓଡି୨୫ଏଲ ୯୫୬୨ ଟାଟାଏସି ଗାଡ଼ିର ୨୦୨୩ ଅକ୍ଟୋବର ମାସରୁ ଫିଟ୍‌ନେସ୍ ଓ ପଲ୍ୟୁସନ୍ ସାର୍ଟିଫିକେଟ ନଥିବା ଜଣାପଡ଼ିଛି।






### ନମ୍ବରବିହୀନ ଗାଡ଼ି ବି ଗଡୁଛି

ଓଡି୨୫ବି-୬୬୭୦ ଟ୍ରାକ୍ଟର ୨୦୧୮ ମସିହା ମେ ମାସରୁ ଫିଟ୍‌ନେସ ନଥିବା ୨୦୧୬ ମସିହା ମେ' ମାସରୁ ବୀମା ନଥିବା ଏବଂ ୨୦୨୦ ମସିହାରୁ ପରିମିଟ୍ ଶେଷ ହୋଇଥିବା ଜଣାପଡ଼ିଛି। ଓଡି୨୫ଏଲ-୯୫୦୨ ଟାଟାଏସି ଗାଡ଼ିର ୨୦୨୩ ମସିହା ଅକ୍ଟୋବର ମାସରୁ ଫିଟ୍‌ନେସ୍ ନଥିବା, ୨୦୨୨ ମେ ମାସରୁ ବୀମା ଓ ପଲ୍ୟୁସନ୍ ସାର୍ଟିଫିକେଟ ନଥିବା ଜଣାପଡ଼ିଛି। ଓ ଡି ୨ ୫ ଏ ଲ - ୨ ୨ ୪ ୫ ଟ୍ରାକ୍ଟର ଜାନୁୟାରୀ ୨୦୨୩ରୁ ଫିଟ୍‌ନେସ ଶେଷ ହୋଇଥିବା ବେଳେ ୨୦୨୧ ମସିହାରୁ ବୀମା ଓ ପଲ୍ୟୁସନ୍ ସାର୍ଟିଫିକେଟ ନଥିବା ଜଣାପଡ଼ିଛି। ଓଡି ୨୫ଏଲ୍-୯୫୭୪ ଗାଡ଼ିର ୨୦୨୩ ମସିହାରୁ ଫିଟନେସ୍ ଓ ୨୦୨୨ ଅକ୍ଟୋବର ମାସରୁ ପଲ୍ୟୁସନ୍ ସାର୍ଟିଫିକେଟ ନାହିଁ।

ନୟାଗଡ଼ ପୌର ପରିଷଦ ଅଧୀନରେ ରହିଥିବା ଏହି ସଫେଇ ଗାଡ଼ିଗୁଡ଼ିକ ତଥ୍ୟ ସାଂଘାତିକ ପରିସ୍ଥିତି ସୃଷ୍ଟି କରିଛି। ଏପରିକି ଓଡି୨୫ଏ-୨୬୩୪ ଓ ଓଡି୨୫ଏଲ-୫୩୧୦ ନମ୍ବର ବିଶିଷ୍ଟ ଟ୍ରାକ୍ଟର ଚାଷ ପାଇଁ ଅନୁମତି ପ୍ରାପ୍ତ ହୋଇଥିବା ବେଳେ ଏହାକୁ କିଭଳି କମର୍ସିଆଲ୍ କାର୍ଯ୍ୟରେ ବ୍ୟବହାର କରାଯାଉଛି ବୋଲି ମଧ୍ୟ ପ୍ରଶ୍ନ ଉଠିଛି। ଏପରିକି ଏକ ନମ୍ବର ବିହୀନ ଟ୍ରାକ୍ଟର ମଧ୍ୟ ସଫେଇ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି। ନୟାଗଡ଼ ସହର ମଧ୍ୟରେ ଦୈନନ୍ଦିନ ଘୁରି ବୁଲୁଥିବା ଏହି ଗାଡ଼ିଗୁଡ଼ିକ ପ୍ରତି ଆଞ୍ଚଳିକ ପରିବହନ ଅଧିକାରୀ ମଧ୍ୟ ଆଖି ବୁଜି ଦେଇଛନ୍ତି। ସହର ମଧ୍ୟରେ ପ୍ରତି ମୁହୂର୍ତ୍ତରେ ଏହି ଗାଡ଼ି ଯାତାୟାତ କରୁଥିବା ବେଳେ ପୌର ପରିଷଦ କିଭଳି ବର୍ଷ ବର୍ଷ ଧରି ଏହାର ବୀମା, ଫିଟ୍‌ନେସ୍ ଓ ପଲ୍ୟୁସନ୍ ସାର୍ଟିଫିକେଟ୍ କରୁନାହିଁ ବୋଲି ପ୍ରଶ୍ନ ଉଠିଛି। ବୀମା ଓ ଫିଟ୍‌ନେସ୍ ନଥିବା ଗାଡ଼ିକୁ ବ୍ୟବହାର କରିବା ବଡ଼ ସମସ୍ୟା ସୃଷ୍ଟି କରିପାରେ। ଏନେଇ ପୌର ନିର୍ବାହୀ ଅଧିକାରୀଙ୍କ ମତାମତ ମିଳିପାରିନଥିବା ବେଳେ ଅଧ୍ୟକ୍ଷ ଏହା ଶୁଣିବା ପରେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଏନେଇ ପଦକ୍ଷେପ ନେବେ ବୋଲି ସୂଚନା ଦେଇଛନ୍ତି।

# ଖଳିସାହି କ୍ରିକେଟ: ଫାଇନାଲରେ ବାଙ୍କୀ ପାୱାର କିଙ୍ଗ୍

ଖଣ୍ଡପଡ଼ା,୧୪।୧(ସମିସ): ଖଣ୍ଡପଡ଼ା ବ୍ଲକ ଖଳିସାହି ବଡ଼ ପଡ଼ିଆରେ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି ବାଙ୍କୀ ପାୱାର କିଙ୍ଗ। ଆଜି ଟସ୍ ଜିତି ବାଙ୍କୀ ପାୱାର କିଙ୍ଗ ୨୦ ଓଭରରେ ୬ ୱିକେଟ ହରାଇ ୨୩୦ ରନ୍ କରିଥିଲା। ଜବାବରେ କଟକ ବିଏନ୍‌ସିସି କ୍ରିକେଟ ଟିମ ୨୦ ଓଭରରେ ୫ ୱିକେଟ ହରାଇ ୨୨୦ ରନ୍‌ରେ ସୀମିତ ରହିଥିଲା। ବିଜୟୀ ଦଳର ସାଗର ବେହେରା ୩୧ଟି ବଲ୍‌ରୁ ୧୦ଟି ଚୌକା ଓ ୧ଟି ଛକା ସହାୟତାରେ ୬୧ ରନ ଏବଂ ବୋଲିଂରେ ୨ ୱିକେଟ ଅକ୍ତିଆର କରିବା ସହିତ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପ୍ରଥମ ସେମିଫାଇନାଲ




ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ଦଶଦୋଳ ମହୋତ୍ସବର ସଭାପତି ବାପିନା ସାହୁ ଏବଂ ସମାଜସେବୀ ସୁବାସ ଚନ୍ଦ୍ର ସାହୁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଜିର ଖେଳକୁ ଦୀପକ ସାହୁ ଏବଂ ରବି ନାରାୟଣ ମିଶ୍ର ପରିଚାଳନା କରିଥିବା ବେଳେ ଶିକ୍ଷକ ଗୌରାଙ୍ଗ ଚରଣ ସେଠୀ ସ୍କୋରବୋର୍ଡ ଦାୟିତ୍ୱ ତୁଲାଇଥିଲେ। ଆସନ୍ତାକାଲି(ବୁଧବାର) ଖୋର୍ଦ୍ଧା କ୍ରିକେଟ ଟିମ୍ ଓ ମେଣ୍ଢାଶାଳ କ୍ରିକେଟ କ୍ଲବ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ଛାତରୁ ଖସି ଶିଶୁକନ୍ୟା ଗୁରୁତର

ଭାପୁର,୧୪।୧(ସମିସ): ଜଣେ କୋଡ଼ିଏ ମାସର ଶିଶୁକନ୍ୟା ଛାତରୁ ଖସି ଗୁରୁତର ଆହତ ହୋଇଛି। ସୂଚନା ଅନୁଯାୟୀ, ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବିଜିପୁର ଗ୍ରାମର ଜଗନ୍ନାଥ ପରିଡାଙ୍କ କୋଡିଏ ମାସର ଝିଅ ଅଭିଲିପ୍‌ସା ଘରର ଛାତ ଉପରକୁ ଚଢ଼ି ଯାଇଥିଲା। ଛାତରେ ସୁରକ୍ଷା ବାଡ଼ ନଥିବାରୁ ସେ ଖେଳିବା ସମୟରେ ତଳକୁ ଖସିପଡ଼ି ଗୁରୁତର ଆହତ ହୋଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାକୁ ଖୋର୍ଦ୍ଧା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ନୀଳମାଧବଙ୍କ ସୁନାବେଶରେ ଭଜନ ସନ୍ଧ୍ୟା



ଖଣ୍ଡପଡ଼ା/କଣ୍ଟିଲୋ,୧୪।୧(ସମିସ): ଶ୍ରୀଜଗନ୍ନାଥଙ୍କ ଆଦ୍ୟକ୍ଷେତ୍ର କଣ୍ଟିଲୋ ଶ୍ରୀ ନୀଳମାଧବଙ୍କ ସୁନାବେଶ ଅବସରରେ ସିଂହଦ୍ୱାର ରାସ ମଣ୍ଡପ ପରିସରରେ ପୂଜକ ସମାଜ ପକ୍ଷରୁ ଭଜନ ସନ୍ଧ୍ୟା ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା, ଏଡିଏମ ରୋଜିନା ଦାଶ, ବିଜେପି ଜିଲ୍ଲା ସଭାପତି ତାପସ ରଞ୍ଜନ ମାର୍ଥା, ଜିଲ୍ଲାପରିଷଦ ସଭ୍ୟା ଉଜ୍ଜଳ ମହାରଣା, ବରିଷ୍ଠ ଜିଲ୍ଲାପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ଖଣ୍ଡପଡା ବିଡିଓ ଅଙ୍କୁର ଅଭିଲାଷ, ତହସିଲଦାର ବିଶ୍ୱ ବିଶ୍ରୁତ ତ୍ରିପାଠୀ, ଗବେଷକ ଭାରତ ଭୂଷଣ ରଥ, କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରା, ଫାଣ୍ଡି ଅଧିକାରୀ ସ୍ୱାଗତ ଦାସ ପ୍ରମୁଖ ଯୋଗଦେଇ ଆଦିକ୍ଷେତ୍ରର ମାହାତ୍ମ୍ୟ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ମନ୍ମଥ ମିଶ୍ରଙ୍କ ଶ୍ରୀଜଗନ୍ନାଥ ଓ ନୀଳମାଧବଙ୍କ ଭଜନ ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ବିଭୋର କରିଥିଲା। ସେବାୟତ ନୀଳମାଧବ ମିଶ୍ର ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ।

## ଫକୀର ମୋହନଙ୍କ ଜୟନ୍ତୀ ପାଳିତ

ନୟାଗଡ଼,୧୪।୧(ସମିସ): ୧୩ ଜାନୁଆରୀ ୧୮୪୩ରେ ବାଲେଶ୍ୱର ଜିଲ୍ଲା ମଲିକାଶପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ଫକୀର ମୋହନ ସେନାପତି ଓଡ଼ିଆ ସାହିତ୍ୟର କଥା ସମ୍ରାଟ ଭାବେ ପରିଚିତ। କେବଳ ଉପନ୍ୟାସ ବା ଗଳ୍ପ ନୁହେଁ କବିତା, ଅନୁବାଦ ସାହିତ୍ୟ, ଭ୍ରମଣ କାହାଣୀ ସହ ପତ୍ର ପତ୍ରିକା ସମ୍ପାଦନା କ୍ଷେତ୍ରରେ ଫକୀର ମୋହନଙ୍କ ଅବଦାନ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ନିଜର କାଳଜୟୀ ଲେଖାପାଇଁ ସେ ସର୍ବଦା ସ୍ମରଣୀୟ ହୋଇ ରହିବେ ବୋଲି ଫକୀର ମୋହନଙ୍କ ଜୟନ୍ତୀ ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ପୂଜ୍ୟପୂଜା କମିଟି ଏବଂ ସିଭିଲ ସୋସାଇଟି ନୟାଗଡ଼ର ମିଳିତ ସହଯୋଗରେ ଆଜି ସ୍ଥାନୀୟ ନୀଳମାଧବ କଲ୍ୟାଣ ମଣ୍ଡପଠାରେ ପ୍ରସନ୍ନ କୁମାର ବସନ୍ତିଆଙ୍କ ସଭାପତିତ୍ୱ ଏବଂ ଗୋଦାବରୀଶ ସାହୁଙ୍କ ସଂଯୋଜନାରେ ବ୍ୟାସକବିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶରତ ଚନ୍ଦ୍ର ଆଚାର୍ଯ୍ୟ, ରାମକୃଷ୍ଣ ରଥ ପ୍ରମୁଖ ଫକୀର ମୋହନ ସେନାପତିଙ୍କ ଜୀବନୀ ଓ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଆଲୋଚନାଚକ୍ରରେ ପୂଜ୍ୟପୂଜା କମିଟି ଏବଂ ସିଭିଲ ସୋସାଇଟିର ଅନେକ ସଦସ୍ୟ ଅଂଶଗ୍ରହଣ କରିଥିଲେ। ପରିଶେଷରେ ଧିରେନ୍ଦ୍ର କୁମାର ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ଦଶପଲ୍ଲା କପ୍ ଫୁଟ୍‌ବଲ୍: ଶ୍ରୀନଗର ବିଜୟୀ



ଦଶପଲ୍ଲା,୧୪।୧(ସମିସ): ସ୍ୱୋର୍ଟିଭ ସ୍ୱୋର୍ଟ୍ସ ସୋସାଇଟି ଆନୁକୂଲ୍ୟରେ ସର୍ବଭାରତୀୟ ଦଶପଲ୍ଲା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗ୍ରୁପ୍ ବି ପ୍ରଥମ ଦିନ ପ୍ରତିଯୋଗିତାରେ ଆଜି ଏସ୍‌ଟିଏଫ୍‌ସି ଶ୍ରୀନଗର ୩ଟି ଗୋଲ୍ ଦେଇଥିଲା। ସ୍ୱୋର୍ଟସ କ୍ଲବ କଳାହାଣ୍ଡି କୌଣସି ଗୋଲ୍ ପରିଶୋଧ କରିପାରିନଥିଲା। ଏସଟିଏଫସି ଶ୍ରୀନଗର ଦଳ ୩-୦ ଗୋଲରେ ବିଜୟ ଲାଭ କରିଛି। ଆଜିର ଖେଳକୁ ରେଫରୀ ରତ୍ନାକର ବାରିକ ପରିଚାଳନା କରିଥିଲେ। ଲାଇନ୍ସରେ ଶ୍ୟାମସୁନ୍ଦର ସାହା, ପ୍ରସନ୍ନ କୁମାର ନାୟକ ଓ ଫୋର୍ଥ ଅଫିସିଆଲରେ ରବୀନ୍ଦ୍ର ନାଥ ନାୟକ ସହଯୋଗ କରିଥିଲେ। ଅତିଥି ଭାବେ ଅତିରିକ୍ତ ତହସିଲଦାର ଚନ୍ଦ୍ର ଶେଖର ବାରିକ ଉପସ୍ଥିତ ଥିଲେ। ଏହା ସହିତ ପ୍ରଥମ ଦଶପଲ୍ଲା ଚେସ ପ୍ରତିଯୋଗିତା ଅନ୍ତର୍ଜାତୀୟ ନିୟମ ପଦ୍ଧତିରେ ୨ଦିନ ହେଲା ଚାଲିଥିଲା। ଜୁନିୟର ଚେସ ପ୍ରତିଯୋଗିତାରେ ୧୬ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଆଜି ଫାଇନାଲରେ ଦଶପଲ୍ଲାର ବଚ୍‌ପନ ପ୍ଲେ ସ୍କୁଲ ଛାତ୍ର ଅଂଶୁମାନ ସାହୁଙ୍କ ସହିତ ଆରଜେଏମ୍ ନୋଡାଲ ହାଇସ୍କୁଲ ଛାତ୍ର ସ୍ୱର୍ଣ୍ଣମ ରାଉତଙ୍କ ପ୍ରତିଯୋଗିତା ଚାଲିଥିଲା। ଏଥିରେ ଅଂଶୁମାନ ସାହୁ ବିଜୟ ଲାଭ କରିଛନ୍ତି। ଆଜିର ପ୍ରତିଯୋଗିତା ପରିଚାଳନା କରିଥିଲେ ଅରବିଟର ନିର୍ମଳ ଦାଶ ଓ ବିଶ୍ୱ ମୋହନ ମହାରଣା। ଏହି ଅବସରରେ ଦଶପଲ୍ଲାର ବସ୍ ମାଲିକ ସଂଘର ସଭାପତି ସୂର୍ଯ୍ୟମଣି ଦାଶ ଓ ଚେସ୍ ସମ୍ପାଦକ ରିଷି ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ।

■ ବାଲି ବୋଝେଇ ହାଇୱା ଜବତ ଘଟଣା

## ଲକ୍ଷାଧିକ ଟଙ୍କା ଜରିମାନା; ଥାନାରେ ଗାଡ଼ି ଅଟକ

ଖଣ୍ଡପଡ଼ା,୧୪।୧(ସମିସ): ଖଣ୍ଡପଡ଼ା ବ୍ଲକ ବେଣାଗାଡ଼ିଆ ପଞ୍ଚାୟତ ଅଧୀନ ବରକୋଳି ଛକରେ ଗତକାଲି ରାତିରେ ଚୋରା ବାଲି ଗାଡ଼ି ଜବତ ହୋଇଥିଲା। ଉକ୍ତ ବାଲି ବୋଝେଇ ଗାଡ଼ି ସିଧାମୂଳା ଅଞ୍ଚଳ ମହାନଦୀ ଘାଟରୁ ବାଲି ଉଠାଇ ବେଆଇନ ଭାବେ ଚାଲାଣ ହେଉଥିଲା। ଜବତ ହୋଇଥିବା ୧୦ରୁ ଊର୍ଦ୍ଧ୍ୱ ବାଲି ବୋଝେଇ ଗାଡ଼ିଗୁଡ଼ିକର କେ-ଫର୍ମ ନଥିବା ଜଣାପଡ଼ିଛି। ପରିବହନ ବିଭାଗ ପକ୍ଷରୁ ଜବତ ହୋଇଥିବା ବାଲି ବୋଝେଇ ଟ୍ରକ୍‌ରୁ ୧ ଲକ୍ଷ ୯୪ ହଜାର ଟଙ୍କା ଜରିମାନା କଟାଯାଇଥିବା ବେଳେ ଖଣ୍ଡପଡ଼ା ଥାନାରେ ସମସ୍ତ ଗାଡ଼ିକୁ ଅଟକ ରଖାଯାଇଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଗତକାଲି ବିଳମ୍ବିତ ସନ୍ଧ୍ୟାରେ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା କଣ୍ଟିଲୋ ଗସ୍ତରେ ଆସି ଫେରୁଥିବା ବେଳେ ବରକୋଳି ଛକ ନିକଟରେ ଏକାଧିକ ବାଲି ବୋଝେଇ ହାଇୱା ଦେଖି ସନ୍ଦେହ କରିବା ସହିତ ଏହାକୁ ଅଟକାଇଥିଲେ।

## ଗଛରେ ପିଟିହୋଇ ବାଇକ୍ ଆରୋହୀ ମୃତ

ଭାପୁର,୧୪।୧(ସମିସ): ଗତକାଲି ଦୁଇଜଣ ଯୁବକ ଭାପୁର ମହୋତ୍ସବ ଦେଖି ବିଳମ୍ବିତ ରାତିରେ ଘରକୁ ବାଇକ୍‌ରେ ଫେରୁଥିବା ବେଳେ ଏକ ବୁଲାଣୀ ରାସ୍ତାରେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲେ। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତକ ଜଣଙ୍କ ହେଲେ, ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ ନୀଳକଣ୍ଠ ପ୍ରସାଦ ଗ୍ରାମର ଶଶୀଧର ବେହେରାଙ୍କ ଏକମାତ୍ର ପୁଅ ତ୍ରିନାଥ ବେହେରା। ଆହତ ଜଣକ ହେଲେ, ବଡସହରା ଗ୍ରାମର ବୈରାଗୀ ପ୍ରଧାନଙ୍କ ପୁଅ ରାଜକିଶୋର ପ୍ରଧାନ(୨୦)। ତ୍ରିନାଥ ଗୁଜୁରାଟ ସୁରଟରେ ରହି କାର୍ଯ୍ୟ କରନ୍ତି। ସେ ଭାପୁର ମହୋତ୍ସବ ଦେଖିବା ପାଇଁ ଶନିବାର ସକାଳୁ ଆସି ଗାଁରେ ପହଞ୍ଚିଥିଲେ। ମହୋତ୍ସବ ଦେଖି ଢାବାରେ ଖାଇ ଘରକୁ ଫେରିବା ସମୟରେ ଭାପୁର ଗୋଳାପୋଖରୀ ରାସ୍ତାର ଏକ ବୁଲାଣୀ ସ୍ଥାନରେ ଗାଡ଼ି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ତାଳ ଗଛରେ ପିଟି ହୋଇଯାଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସାଙ୍ଗରେ ଥିବା ରାଜକିଶୋର ମଧ୍ୟ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ତୁରନ୍ତ ଭାପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତ୍ରିନାଥଙ୍କୁ ମୃତ ଘୋଷଣା କରିଥିଲେ। ଆହତଙ୍କୁ ଖୋର୍ଦ୍ଧା ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ।

## ଲଙ୍କାପୋଡ଼ି ଯାତ୍ରା ନିମନ୍ତେ ପ୍ରସ୍ତୁତି

# ଆରମ୍ଭ ହେବ ଗଣିଆ ମହୋତ୍ସବ

ଗଣିଆ,୧୪।୧(ସମିସ): ଗଣିଆ ରାମମନ୍ଦିର ପରିସରରେ ଗଣିଆ ଲଙ୍କାପୋଡ଼ି ଯାତ୍ରା ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଲଙ୍କାପୋଡ଼ି ଯାତ୍ରା କମିଟି ସମସ୍ତ ସଭ୍ୟ ମନ୍ଦିର ପରିଚାଳନା କମିଟିର ସମସ୍ତ ସଭ୍ୟ, ଶ୍ରୀରାମଦୟା ପରିଷଦର ସମସ୍ତ ସଭ୍ୟଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସମସ୍ତ କମିଟି କାର୍ଯ୍ୟକାଳ ସରିଥିବାରୁ ନୂତନ କମିଟି ଗଠନ ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଶ୍ରୀରାମ ଲୀଳା କମିଟି ସଭାପତି ଭାବେ ରାଜ କିଶୋର ସାହୁଙ୍କୁ ଚୟନ କରାଯାଇଥିବା ବେଳେ ଉପସଭାପତି ଭାବେ ସନ୍ତୋଷ କୁମାର ମିଶ୍ର, ସମ୍ପାଦକ ଭାବେ ଉଦ୍ୟନାଥ ସାହୁ, ସହସମ୍ପାଦକ ଭାବେ ପ୍ରଭାତ କୁମାର ଦାଶଙ୍କୁ ମନୋନୀତ କରାଯାଇଥିଲା। ଲଙ୍କାପୋଡ଼ି ଯାତ୍ରା କମିଟି ସଭାପତି ଭାବେ ବିଜୟ କୁମାର ସାହୁ, ଉପସଭାପତି ଭାବେ ଅଶୋକ କୁମାର ବେହେରା, ସମ୍ପାଦକ ଭାବେ ଅଜୟ କୁମାର ଲେଙ୍କା, ସହସମ୍ପାଦକ ଭାବେ ବିଶ୍ୱରଞ୍ଜନ ସେଠୀ, କୋଷାଧ୍ୟକ୍ଷ ଭାବେ ସୁନିଲ କୁମାର ସାହୁ ଓ କିଶୋର କୁମାର ପଣ୍ଡାଙ୍କୁ ମନୋନୀତ କରାଯାଇଥିଲା। ସେହିପରି ମନ୍ଦିର ପରିଚାଳନା କମିଟି ସଭାପତି ଦ୍ୱିତୀକୃଷ୍ଣ ସାହୁ, ଉପସଭାପତି ଭାବେ ବସନ୍ତ କୁମାର ସାହୁ, ସମ୍ପାଦକ ଭାବେ ଆନନ୍ଦ ଚନ୍ଦ୍ର ବେହେରା, ସହସମ୍ପାଦକ ଭାବେ



ସାନୁଜ ରାମ ମିଶ୍ର ଓ କୋଷାଧ୍ୟକ୍ଷ ଭାବେ ଉଦ୍ୟନାଥ ସାହୁଙ୍କୁ ମନୋନୀତ କରାଯାଇଥିଲା। କମିଟି ସମସ୍ତ କାର୍ଯ୍ୟକୁ ପୁଙ୍ଖାନୁପୁଙ୍ଖ ଭାବେ ତଦାରଖ କରିବାକୁ ଦ୍ୱିତୀକୃଷ୍ଣ ସାହୁ ଓ ଖଗେଶ୍ୱର ବେହେରାଙ୍କୁ ଦାୟିତ୍ୱ ଦିଆଯାଇଛି। ୧୯୭୩ ମସିହାରୁ ଆରମ୍ଭ ହୋଇଥିବା ଗଣିଆ ଲଙ୍କାପୋଡ଼ି ଯାତ୍ରା ଚଳିତ ବର୍ଷ ୫୩ ବର୍ଷରେ ପଦାର୍ପଣ କରିଥିବାରୁ ଗଣିଆ ଗ୍ରାମବାସୀଙ୍କ ତରଫରୁ ବଡ଼ ଧୁମଧାମରେ ପାଳନ କରିବା ପାଇଁ ସର୍ବ ସମ୍ମତିକ୍ରମେ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ଏପ୍ରିଲ ୬ ତାରିଖରେ ଶ୍ରୀରାମ ନବମୀ ପଡୁଥିବାରୁ ସେହି ଦିନଠାରୁ ୨୩ ଦିନ ଧରି ରାମ ନାଟକ ପରିବେଷଣ କରାଯାଇ ରାବଣବଧ ଓ ଲଙ୍କାପୋଡ଼ି ଯାତ୍ରା ଅନୁଷ୍ଠିତ ହେବ। ଏପ୍ରିଲ ମାସ ୨୯ ତାରିଖରେ ଓଡ଼ିଶା ପ୍ରସିଦ୍ଧ ରାବଣ ପୋଡ଼ି ଉତ୍ସବ ବା ମୁଖ୍ୟ ଲଙ୍କାପୋଡ଼ି ଉତ୍ସବ ଅନୁଷ୍ଠିତ ହେବ। ପ୍ରଥମଥର ପାଇଁ ଗଣିଆରେ ଗଣିଆ ମହୋତ୍ସବ ହେବା ପାଇଁ ଲଙ୍କାପୋଡ଼ି ଯାତ୍ରା କମିଟିର ନୂତନ ସଭାପତି ବିଜୟ କୁମାର ସାହୁ ପ୍ରସ୍ତାବ ଦେଇଥିଲେ। ସର୍ବସମ୍ମତି କ୍ରମେ ଗଣିଆରେ ଆଞ୍ଚଳିକସ୍ତରୀୟ ମହୋତ୍ସବ ହେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ନୂତନ ସଭାପତି ଲଙ୍କାପୋଡ଼ି ଯାତ୍ରାକୁ ଧୁମଧାମରେ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ମକର ମେଳା ପାଇଁ ଉତ୍ସବମୁଖର ନୟାଗଡ଼ ଜିଲ୍ଲା

ନୟାଗଡ଼,୧୪।୧(ସମିସ): ନୟାଗଡ଼ ଜିଲ୍ଲାରେ ମକର ପର୍ବକୁ ଆନନ୍ଦ ଉଲ୍ଲାସରେ ପାଳନ କରାଯାଇଛି। ନୟାଗଡ଼ ଜିଲ୍ଲା ସଦରବ୍ଲକ ଅନ୍ତର୍ଗତ କ୍ରିଦାଶପୁର ଗ୍ରାମରେ ଦୁଇ ଦିନ ଧରି ଆଡ଼ମ୍ବର ସହକାରେ ମକର ପର୍ବ ପାଳିତ ହୋଇଛି। ଗ୍ରାମର ଯୁବଗୋଷ୍ଠୀଙ୍କ ଦ୍ୱାରା ସୋମବାର କଳସଯାତ୍ରା ହୋଇଥିବା ବେଳେ ଆଜି ମା' ବ୍ରାହ୍ମଣୀ ଦେବୀଙ୍କ ପୀଠରେ ଯଜ୍ଞ ଅନୁଷ୍ଠିତ ହୋଇଛି। ଦୁଇ ଦିନ ଧରି କ୍ରିଦାଶପୁର ଗାଁ ଉତ୍ସବ ମୁଖରିତ ହେବା ସହ ପୌରାଣିକ ନାଟକ ଓ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

■ **ଭାପୁର:** ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ ବେଗୁନିଆ ଗ୍ରାମରେ ମଙ୍ଗଳବାର ଦିନଠାରୁ ମକରମେଳା ଆରମ୍ଭ ହୋଇଯାଇଛି। ବାବା ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଏହା ଏକ ସପ୍ତାହ ବ୍ୟାପୀ ଚାଲୁରହିବ। ବେଗୁନିଆ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ହେଉଥିବା ଏହି ପାରମ୍ପରିକ ମେଳା ଆଜକୁ ତିନି ଶହ ବର୍ଷ ଧରି ଆୟୋଜିତ ହେଉଥିବା ଗ୍ରାମବାସୀ କହିଛନ୍ତି। ମଙ୍ଗଳବାର ଅପରାହ୍ଣରେ ଗ୍ରାମ କୋଠଘରୁ ବାଲୁଙ୍କେଶ୍ୱର ଦେବଙ୍କ ବିଜେ ପ୍ରତିମା ବିମାନରେ ବସି ରୋସଣୀ ସହ ଗ୍ରାମ ପରିକ୍ରମା କରିବା ପରେ ମନ୍ଦିର ପରିସରରେ ପହଞ୍ଚିଥିଲେ। ଏହି ଉପଲକ୍ଷେ ଗ୍ରାମର ହଜାର ହଜାର ବ୍ୟକ୍ତି ଡିଜେ ଓ ଦୁଲଦୁଲି ବାଦ୍ୟ ତାଳେ ତାଳେ ନାଚି ନାଚି ମନ୍ଦିର ପରିସରରେ ପହଞ୍ଚି ଥିଲେ। ଏହି ଯାତ୍ରା ଦେଖିବା ପାଇଁ ଭାପୁର, ବୋଲଗଡ଼,



ବେଗୁନିଆ ଓ ବାଙ୍କୀ ବ୍ଲକର ଜନସାଧାରଣ ଆସିଥିଲେ।

■ **ଖଣ୍ଡପଡ଼ା:** ଖଣ୍ଡପଡ଼ା ସହରାଞ୍ଚଳ ସମେତ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ମକର ପର୍ବ ପାଳିତ ହୋଇଛି। ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ମଧୁକର୍ଣ୍ଣିକା ପାହାଡ଼ରେ ବିରାଜିତ ଶ୍ରୀ ଗୋକୁଳାନନ୍ଦ ଜୀଉଙ୍କଠାରେ ମକର ଚାଉଳ ଲାଗି ହୋଇଛି। ପ୍ରତିଦିନ ପରି ଦୁଆର ଫିଟା, ସ୍ନାନ, ମଙ୍ଗଳ ଆଳତି ଓ ମଇଲମ ପରେ ଧନୁ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ପହିଲି ଭୋଗ ଅନ୍ତିମ ଦିବସରେ ଲାଗି ହେଲା। ଏହାପରେ ମକର ଚାଉଳ ଲାଗି ହେଲା। ଠାକୁରଙ୍କ ଏହି ମକର ପର୍ବ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ଏତତ୍ ବ୍ୟତୀତ ଖଣ୍ଡପଡ଼ା ସହରାଞ୍ଚଳ ଅନ୍ତର୍ଗତ ୧୧ନଂ ୱାର୍ଡ ବାଉରୀ ଠାକୁରାଣୀ, ୧ନଂ ୱାର୍ଡ ବନ୍ଧ ବିମଳେଶ୍ୱର ମହାଦେବଙ୍କ ପୀଠରେ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ସେହିପରି କଣ୍ଟିଲୋ ଶ୍ରୀ ନୀଳମାଧବଙ୍କ ପୀଠରେ ମକର ସଂକ୍ରାନ୍ତିରେ ସମସ୍ତ ନୀତି ସମ୍ପନ୍ନ ହୋଇଥିବା ବେଳେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ବେଣାଗାଡ଼ିଆ ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଳିଆପଲ୍ଲୀ ମା' ବ୍ରାହ୍ମଣୀ ଦେବୀଙ୍କ ପୀଠରେ ମକର ମେଳା ମହାସମାରୋହରେ ପାଳିତ ହୋଇଯାଇଛି।

■ **ଓଡ଼ଗାଁ:** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବିଜେ ଶ୍ରୀ ରଘୁନାଥ ଜୀଉଙ୍କ ପୀଠରେ ମାଘ କୃଷ୍ଣପକ୍ଷ ପବିତ୍ର ମକର ସଂକ୍ରାନ୍ତି ଅବସରରେ ବିଦ୍ଧିବିଧାନ ପୂର୍ବକ ମକର ପର୍ବ ପାଳିତ ହୋଇଯାଇଛି। ଆଜିଠାରୁ ସୂର୍ଯ୍ୟ ନାରାୟଣଙ୍କ ଉତ୍ତରାୟଣ ଗତି ଆରମ୍ଭ ହେଉଥିବା ବେଳେ ପ୍ରଭୁଙ୍କୁ ସୂର୍ଯ୍ୟଙ୍କ ଉତ୍ତାପରୁ ଦୂରେଇ ରଖିବା ପାଇଁ ମନ୍ଦିର ଚତୁଃପାଶ୍ୱର୍ ବେଢ଼ାରେ ଛତି, ତ୍ରାସ ଆଦି ଆଡ଼ୁଆଳ ବ୍ୟବସ୍ଥା କରାଯାଇଥିଲା। ପରମ୍ପରା ଅନୁସାରେ ବର୍ଷରେ ଏହି ଗୋଟିଏ ଦିନ ଶ୍ରୀଜୀଉଙ୍କର ଦିବା ପହୁଡ଼



ହୋଇନଥାଏ। ଆଜିର ପବିତ୍ର ମକର ସଂକ୍ରାନ୍ତି ଅବସରରେ ସାରାଦିନ ଦୂରଦୂରାନ୍ତରୁ ଆସିଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗିଥିବା ବେଳେ ଶ୍ରୀ ରଘୁନାଥ ଜିଉଙ୍କ ଦର୍ଶନ କରି ସୌଭାଗ୍ୟ ଅର୍ଜନ କରିଥିଲେ। ଆଜିର ପାଳିଆ ପଣ୍ଡା, ମନ୍ଦିର ପରିଚାଳକ, ପୂଜକ ପରିଷଦର କର୍ମକର୍ତ୍ତାମାନଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ ହୋଇଥିଲା।

ଅତ୍ରିରେ ମକର ମେଳା ଆରମ୍ଭ

# ହଟ୍ଟକେଶ୍ୱରଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଖୋର୍ଦ୍ଧା,୧୪ା୧(ସମିସ)**

ମକର ସଂକ୍ରାନ୍ତି ଉପଲକ୍ଷେ ଏକାଦଶ ରୁଦ୍ର ବାବା ହଟ୍ଟକେଶ୍ୱରଙ୍କ ଅତ୍ରୀ ମନ୍ଦିର ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି। ଭୋର ପ୍ରାୟ ସାଢ଼େ ୩ଟାରୁ ମନ୍ଦିର ସମ୍ମୁଖରେ ଦେଖାଯାଇଥିଲା ଭକ୍ତଙ୍କ ଲମ୍ବାଧାଡ଼ି। ହଟ୍ଟକେଶ୍ୱର ଦେବଙ୍କ ମନ୍ଦିର ପହୁଡ଼ ଖୋଲିବାପରେ ମଙ୍ଗଳଆଳତି, ଅତ୍ରୀ ଦଳବେହେରାଙ୍କର ପାହାନ୍ତି ଭୋଗଲାଗି, ଭକ୍ତମାନେ ସାହାଣମେଳା ଦର୍ଶନ କରିଥିଲେ। ଦିନ ପ୍ରାୟ ୨ଟାରେ ଅନ୍ନ, ଡାଲମା, କାକରା, ଏଣ୍ଡୁରୀ ପୀଠା, ଖିରି ମଧ୍ୟାହ୍ନ ଭୋଗଲାଗି ଅନୁଷ୍ଠିତ ହୋଇଥିବାବେଳେ ଦିବା ୩ଟାରେ ପ୍ରଭୁଙ୍କ ବିଜେ ପ୍ରତିମା ବିରାଟ ଶୋଭାଯାତ୍ରାରେ ବେଢ଼ା ପରିକ୍ରମା ପରେ ଉଷ୍ଣପ୍ରସ୍ରବଣ ଅଭିମୁଖେ ବାହାରିଥିଲେ। ମୃଦଙ୍ଗ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ମଧ୍ୟରେ ଏକ ପ୍ରକାର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବାବେଳେ ହଜାର ହଜାର ଶ୍ରଦ୍ଧାଳୁ ଏକାଦଶ ରୁଦ୍ର ବାବା ହଟ୍ଟକେଶ୍ୱରଙ୍କ ଉବୁକା ଦର୍ଶନ କରିଥିଲେ। ଦିନ ସାଢ଼େ ୩ଟା ସମୟରେ ବିଜେ ପ୍ରତିମା ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପାରମ୍ପରିକ ପ୍ରଥା ଅନୁସାରେ ଖୋର୍ଦ୍ଧା ଉପକଣ୍ଠ କଲ୍ୟାଣପୁର ଗ୍ରାମରୁ ମକର ଚାଉଳ ଭୋଗଲାଗି ହୋଇଥିଲା। ସେହିପରି ଅତ୍ରୀ ଦଳବେହେରା ମକରଚାଉଳ ଭୋଗଲାଗି ହେବା ପରେ ସାଧାରଣ ଲୋକ ଭୋଗଲାଗି କରିଥିବା ଦେଖାଯାଇଛି।

ସନ୍ଧ୍ୟାରେ ଯୋଗୀବେଶ ଓ ରାତି ୯ଟା ବଡ଼ସିଂହାର ଭୋଗଲାଗି ହୋଇଥିବାବେଳେ ମକର ସଂକ୍ରାନ୍ତି ଅବସରରେ ଜିଲ୍ଲା ତଥା ଜିଲ୍ଲାବାହାରୁ ବହୁ ସଂଖ୍ୟକ ମାନସିକଧାରୀ ମହିଳା ପ୍ରଭୁଙ୍କ ଦର୍ଶନ କରିଥିଲେ। ଶ୍ରଦ୍ଧାଳୁମାନେ ହାତରେ ନଡିଆ, କଦଳୀ, ଲେମ୍ବୁ, ନବାତ, ମକର ଚାଉଳ ଭୋଗଲାଗି କରିବା ସମେତ ମକର ହାଣ୍ଡି ଭୋଗ କରିଥିଲେ। ସେହିପରି ମାନସିକ ପୂରଣ ପରେ ବହୁ ମା' ନିଜ ସନ୍ତାନଙ୍କୁ ଆଣି ବାବା ହଟେକେଶ୍ୱରଙ୍କ ପୀଠରେ ମୁଣ୍ଡନ କରିଛନ୍ତି। ମନ୍ଦିରଠାରୁ ଉଷ୍ଣପ୍ରସ୍ରବଣ ଯାଏଁ ବିଭିନ୍ନ ଘରକରଣା, କୃଷି ଉପକରଣ ଏବଂ ପୁସ୍ତକ, ହୋଟେଲ ସମେତ ବିଭିନ୍ନ ପ୍ରକାର ବ୍ୟବସାୟୀ ତାଙ୍କ ପସରା ମେଳାଇଥିବା ଦେଖାଯାଇଛି। ଏଥିସହିତ କୁନି କୁନି ପିଲାଙ୍କୁ ଆକୃଷ୍ଟ କରିବାକୁ ବିଭିନ୍ନ ଖେଳନା, ମୀନାବଜାର ଭଳି ଦୋକାନ ଖୋଲିଥିବାବେଳେ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ଚଳିତ ବର୍ଷ କେବଳ ପ୍ରାୟ ଏକ ସପ୍ତାହ ଧରି ମକରମେଳା ଅନୁଷ୍ଠିତ ହେବା ଜଣାଯାଇଛି।







ଶ୍ରୀରଙ୍ଗନାଥ ଦେବଙ୍କ ମକର ବେଶ

## ଉତ୍ସବମୁଖର ଉଗ୍ରତାରା ପୀଠ

**ଭୂଷଣ୍ଡପୁର,୧୪ା୧(ସମିସ):** ଟାଙ୍ଗୀ ବ୍ଲକ ସାନରାଉତପଡା ପଞ୍ଚାୟତର ମୁଳିଝରଗଡ ଶକ୍ତିପୀଠରେ ପୂଜା ପାଉଥିବା ମା' ଉଗ୍ରତାରାଙ୍କ ପୀଠରେ ମକର ସଂକ୍ରାନ୍ତି ଅବସରରେ ଆଜି ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରତ୍ୟୁଷରୁ ମା'ଙ୍କର ମାଜଣା ନୀତି ସମ୍ପନ୍ନ ହେବାପରେ ମଙ୍ଗଳ ଆଳତି ହୋଇ ନୀତି ଭୋଗ ଶେଷ ହୋଇଥଲା। ପରେ ସ୍ଥାନୀୟ ଭକ୍ତମାନଙ୍କ ସହିତ ଦୂର ଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁଙ୍କର ଭିଡ଼ ପରିଲକ୍ଷିତ ହୋଇଥିଲା। ଅଧିକାଂଶ ଭକ୍ତ ମା'ଙ୍କ ପାଖରେ ମକର ଚାଉଳ ଏବଂ ଚୁଡ଼ାଘଷା ଭୋଗଲାଗି କରିଥିଲେ। ଆଜିର ପୂଜା ଦାୟିତ୍ୱରେ ପୂଜକ ଦିଲ୍ଲୀପ ସାମନ୍ତରାୟ ଓ ଅନ୍ୟ ପୂଜକମାନେ ଥିଲେ।





## ମା' କାଳିଜାଈଙ୍କ ପୀଠରେ ମକର ମେଳା



**ବାଲୁଗାଁ,୧୪ା୧(ସମିସ):** ଚିଲିକା ଜଳରାଶି ମଧ୍ୟରେ ଅବସ୍ଥିତ ମା' କାଳିଜାଈଙ୍କ ପୀଠରେ ୫ ଭଉଣୀଙ୍କ ଆଜ୍ଞାମାଳ ପହଞ୍ଚିବା ପରେ ମଙ୍ଗଳବାର ସକାଳୁ ପାରମ୍ପରିକ ମକର ମେଳା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ମା' କାଳିଜାଈଙ୍କ ତଥାକଥିତ ଭଉଣୀ ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀ, ବାଣପୁର ମାଳଅଞ୍ଚଳସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଈଙ୍କ ସମେତ ଚିଲିକା ଟାପୁ ମଧ୍ୟରେ ଥିବା ଗୁରୁବାଈସ୍ଥିତ ମା' ଚର୍ଚ୍ଚିକା ଓ ପାରିକୁଦଗଡ ରାଜଉଆସସ୍ଥିତ ମା' କନକ ଦୁର୍ଗାଙ୍କୁ ଏହି ମେଳାକୁ ନିମନ୍ତ୍ରଣ କରାଯାଇ ପାରମ୍ପରିକ ରୀତିନୀତି ଅନୁଯାୟୀ ମକର ମେଳା ପାଳିତ ହୋଇଯାଇଛି। ଏହି ମେଳାକୁ ଦେଖିବା ନିମନ୍ତେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପାରମ୍ପରିକ ରୀତିନୀତି ଅନୁଯାୟୀ ମଧ୍ୟାହ୍ନରେ ଏହି ପର୍ବର ମୁଖ୍ୟ ପୁରୋଧା ପାରିକୁଦଗଡ଼ ଯୁବରାଜ ସନ୍ତୋଷ କୁମାର ମାନସିଂ ମର୍ଦ୍ଦରାଜ ହରିଶ୍ଚନ୍ଦ୍ର ଦେବ ଏକ ସୁସଜ୍ଜିତ ବୋଇତରେ ପାଟ ପଟୁଆର ସହ ପାରିକୁଦ ରାଜପ୍ରସାଦରୁ ବାହାରି ମା'ଙ୍କ ପୀଠରେ ପହଞ୍ଚି ଥିଲେ। ଯୁବରାଜ ମା'ଙ୍କ ପୀଠରେ ପରମ୍ପରା ଅନୁଯାୟୀ ଛେରା ପହଁରା କରିବା ସହ ପୂଜାର୍ଚ୍ଚନା କରିବା ପରେ ମକର ଭୋଗ ଲାଗି କରାଯାଇଥିଲା। ଯାତାୟାତ ନିମନ୍ତେ ବାଲୁଗାଁ ଚିଲିକା କୂଳରୁ ବହୁ ସଂଖ୍ୟାରେ ଡଙ୍ଗାର ସୁବ୍ୟବସ୍ଥା କରାଯାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ମା'ଙ୍କ ପୀଠରେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁରୀ ସଦର ଏସ୍‌ଡିପିଓ ରବି ନାରାୟଣ ଭଞ୍ଜଙ୍କ ତତ୍ତ୍ୱାବଧାନରେ କୃଷ୍ଣପ୍ରସାଦ ଆଇଆଇସି ବସନ୍ତ କୁମାର ସାହୁଙ୍କ ସମେତ ବ୍ୟାପକ ପୁଲିସ ଫୋର୍ସ ନିୟୋଜିତ ହୋଇଥିଲେ। ଓଡ୍ରାଫ୍ ଟିମ୍ ଏବଂ ଅଗ୍ନିଶମ ବାହିନୀ ମଧ୍ୟ ସଜାଗ ରହିଥିଲେ। ବାଲୁଗାଁ ଓ ବଡ଼କୂଳ ପାନ୍ଥନିବାସଠାରେ ବାଲୁଗାଁ ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କ ସମେତ ପୁଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ। ବାଲୁଗାଁ ଚିଲିକା କୂଳ ଜେଟି ନିକଟରେ ବାଲୁଗାଁ ଓଡ୍ରାଫ୍ ଟିମ୍ ଏବଂ ଅଗ୍ନିଶମ କର୍ମଚାରୀ ଦିନତମାମ ସଜାଗ ରହିଥିଲେ। ସେହିପରି ବାଣପୁର ରୋଡ୍‌ସ୍ଥିତ ମା' ମେଘାମ୍ବରୀ ପୀଠ, ବାଣପୁର ମାଳ ଅଞ୍ଚଳସ୍ଥିତ ମା' ବିରଜାଈ, ମା' ତାରିଣୀ, ମା' ଡୋମଣୀ, ଐତିହାସିକ ପଲଟଣ ପଡ଼ିଆସ୍ଥିତ ବ୍ରହ୍ମେଶ୍ୱର ଦେବ ପୀଠ ଓ ଗମ୍ଭାରୀମୁଣ୍ଡା ନିକଟସ୍ଥ ବାଙ୍କନିଧି ଦେବଙ୍କ ପୀଠରେ ମକର ମେଳା ପାଳିତ ହୋଇଯାଇଛି।

## ଛୁଆଟିଏ ପାଇଁ ଗୁଆ ଖୋଜିଲେ ୫ଶହରୁ ଊର୍ଦ୍ଧ୍ୱ ବନ୍ଧ୍ୟାନାରୀ

**ଖୋର୍ଦ୍ଧା:** ଅତ୍ରୀସ୍ଥିତ ବାବା ହଟକେଶ୍ୱରଙ୍କ ମନ୍ଦିରଠାରୁ ପ୍ରାୟ ଏକ ଶହ ମିଟର ଦୂରତାରେ ରହିଛି ଉଷ୍ଣପ୍ରସ୍ରବଣ। ଏହାର ପାତାଳ ଗର୍ଭରୁ ଗରମପାଣି ଫୁଟିଥାଏ। ଶୀତ ଦିନରେ ଏଠାକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକ ଏହି ଗରମ ପାଣିରେ ସ୍ନାନ ନ କଲେ ସତେ ଯେମିତି ବୁଲିବା ତାଙ୍କର ଅଧୁରା ରହିଯାଏ ବୋଲି ମନରେ ଭାବନ୍ତି। ତେଣୁ ସାମାନ୍ୟ ଶୀତ ଅନୁଭବ ହେବା ମାତ୍ରେ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଏଠାକୁ ଆସି ସ୍ନାନ କରନ୍ତି। ଆଜି ମକର ସଂକ୍ରାନ୍ତି ଅବସରରେ ହଜାର ହଜାର ପର୍ଯ୍ୟଟକ ସକାଳୁ ସ୍ନାନ କରି ବେଶ ମଜା ଉଠାଇଥିବା ଦେଖାଯାଇଛି। ଉଷ୍ଣ ଜଳରେ ସ୍ନାନ କଲେ ଚର୍ମରୋଗ ଆରୋଗ୍ୟ ହୋଇଥାଏ ବୋଲି କୁହାଯାଏ। ଉଷ୍ଣ ପ୍ରସ୍ରବଣରେ ସ୍ନାନ ସାରି ଏକାଦଶ ରୁଦ୍ର ହଟ୍ଟକେଶ୍ୱରଙ୍କୁ ଦର୍ଶନ କଲେ ଅଶେଷ ପୂର୍ଣ୍ଣ୍ୟ ମିଳେ। ଏ ପବିତ୍ର କ୍ଷେତ୍ରରେ ଆଉ ଏକ ବିଶ୍ୱାସ ରହିଛି ଯେଉଁ ଦମ୍ପତିମାନଙ୍କୁ ସନ୍ତାନ ପ୍ରାପ୍ତି ହୋଇନଥାଏ, ସେମାନେ ଠାକୁରଙ୍କ ନିକଟରେ ମାନସିକ ରଖି ମକରସଂକ୍ରାନ୍ତି ଦିନ ଅତ୍ରିରେ ଭୋର ସମୟରେ ଦହଲ(ମାନସିକ କୁଣ୍ଡ)ରେ ପୂଜକଙ୍କଠାରୁ ପାଦୁକ ଗ୍ରହଣ ପରେ ଗୁଆ, କଉଡ଼ି, ଖୋଜି ସେବନକଲେ ବନ୍ଧ୍ୟାଦୋଷ ଦୂର ହୋଇଥାଏ। ଜଳରେ ସମର୍ପିତ ଗୁଆ ଭକ୍ଷଣ କଲେ ସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି। ଏହା ହେଉଛି ଏହି ସ୍ଥାନରେ ଅଲୌକିକ ଘଟଣା। ଏହି ପ୍ରାଚୀନ ପରମ୍ପରା ଆଜି ମଧ୍ୟ ଏଠାରେ ଉଜ୍ଜୀବିତ ରହିଛି। ଭୋରୁ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ବନ୍ଧ୍ୟାନାରୀ ଛୁଆଟିଏ ପାଇବା ଆଶାରେ ଏହି କୁଣ୍ଡରୁ ଗୁଆ ଖୋଜି ଭକ୍ଷଣ କରିଥିବା ପୂଜାପଣ୍ଡା ସେବକ ଦିଲୀପ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଏଥିସହିତ ଉଷ୍ଣପ୍ରସ୍ରବଣ ପରିସରରେ ଥିବା ଅନ୍ୟ କୁଣ୍ଡ ଗୁଡ଼ିକର ଗରମ ପାଣିରେ ସ୍ନାନକରିବା ମଜା ହଜାର ହଜାର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ନେଇଥିବା ଦେଖିବାକୁ ମିଳିଛି।



## ବିଭିନ୍ନ ଦେବାଳୟରେ ମକର ଉତ୍ସବ

**ଚିଲିକା,୧୪ା୧(ସମିସ):** ମକର ସଂକ୍ରାନ୍ତି ଉପଲକ୍ଷେ ଚିଲିକା ଅଞ୍ଚଳର ବିଭିନ୍ନ ଦେବାଳୟରେ ପ୍ରାତଃ ସମୟରେ ମକର ଭୋଗ ଲାଗିହେବା ସହ ଠାକୁର ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ସକାଳ ସମୟରେ ବଦପଦରସ୍ଥ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ଦେବ, ଶ୍ରୀଜଗନ୍ନାଥ ଦେବ, ଜଗତି ମହାବୀର ଓ ଶ୍ରୀରାମ ମନ୍ଦିରରେ ଠାକୁର ଦର୍ଶନ ନିମନ୍ତେ ପ୍ରବଳ ଭିଡ଼ ଲାଗିରହିଥିଲା। ସେହିପରି ନାଚୁଣୀସ୍ଥିତ ଶ୍ରୀରାମ ମନ୍ଦିର, ବଉଳାବନ୍ଧସ୍ଥ ଶ୍ରୀ ବାଲୁଙ୍କେଶ୍ୱର ଦେବ, ଶ୍ରୀ ରଘୁନାଥ ଦେବ ଓ ଚିଲିକା କୂଳସ୍ଥ କାଳିଜାଈଙ୍କ ପୀଠରେ ମକର ଯାତ୍ରା ଅନୁଷ୍ଠିତ ହୋଇଥିଲା। ନଇରୀସ୍ଥ ଶ୍ରୀ ହରିହରେଶ୍ୱର ଦେବ ଓ ଚିଲିକା ମଧ୍ୟସ୍ଥ ଐତିହାସିକ କାଙ୍କଣ ଶିଖରିଠାରେ ଥିବା ଚତୁର୍ଦ୍ଧାମୂର୍ତ୍ତି ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବା ନିମନ୍ତେ ଶହ ଶହ ଭକ୍ତ ଚିଲିକା ଜଳରାଶିରେ ନୌକା ଦ୍ୱାରା ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ହରିପୁରସ୍ଥ ଶ୍ରୀ ପ୍ରତାପେଶ୍ୱର ଦେବ, ହାଟବରଡିସ୍ଥ ଶ୍ରୀ ବାଲୁଙ୍କେଶ୍ୱର ଦେବ, ଛୋଟରାୟପୁରର ଶ୍ରୀ ଲୋକନାଥ ଦେବ, ରାହାଣବିଲିର ଶ୍ରୀ ସୋମନାଥ ଦେବ, ଜଗବନ୍ଧୁପୁରର ଶ୍ରୀ ବାଲୁଙ୍କେଶ୍ୱର ଦେବ, ଗମ୍ଭାରୀମୁଣ୍ଡାର ଶ୍ରୀ ଆଖଣ୍ଡଳମଣି, ବରପାଟଣାର ଶ୍ରୀ ବାଙ୍କନିଧିଶ୍ୱର, ଲହଙ୍ଗାଡ଼ିର କଳିଯୁଗେଶ୍ୱର ଓ ହରିକୁଣ୍ଡ ବରଡିହର ଶ୍ରୀ ଗତିଶ୍ୱର ଦେବଙ୍କ ମନ୍ଦିରରେ ମକର ସଂକ୍ରାନ୍ତି ଅନୁଷ୍ଠିତ ହୋଇଯାଇଛି।



## ଗିରିଗୋବର୍ଦ୍ଧନ ପାହାଡ଼ରେ ମକର ମହୋତ୍ସବ

**ଟାଙ୍ଗୀ,୧୪ା୧(ସମିସ):** ଟାଙ୍ଗୀ ଗିରିଗୋବର୍ଦ୍ଧନ ପାହାଡ଼ରେ ପଞ୍ଚମ ବାର୍ଷିକ ମକର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ଏଥିପାଇଁ ପ୍ରଶାସନିକ ସହାୟତା ମିଳି ନଥିଲେ ବି ସ୍ଥାନୀୟ ଯୁବକଙ୍କ ଉଦ୍ୟମ ଯୋଗୁ ଏହି ପଞ୍ଚମ ବାର୍ଷିକ ମକର ମହୋତ୍ସବ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଏଥିପାଇଁ ବ୍ୟାପକ ପୂର୍ବ ପ୍ରସ୍ତୁତି କରାଯାଇଥିଲା। ଟାଙ୍ଗୀ ପୁରୁଣା ଜାତୀୟ ରାଜପଥରୁ ଅଧ କିଲୋମିଟର ପର୍ଯ୍ୟନ୍ତ ଖାଲଖମା ରାସ୍ତା ପରିଷ୍କାର ପରେ ପାହାଡ଼ ପାଦଦେଶରୁ ଅଧାରୁ ଅଧିକ ପାହାଡ଼ ଶିଖରରେ ଥିବା ଗିରିଗୋବର୍ଦ୍ଧନଙ୍କ ପୀଠ ପର୍ଯ୍ୟନ୍ତ ସ୍ଥାନୀୟ ଯୁବକଙ୍କ ଆର୍ଥିକ ସହାୟତାରେ ପ୍ରଶସ୍ତ ପାହାଚ କରାଯାଇଥିଲା। ତେବେ ପ୍ରଶାସନିକ ଅବହେଳା ପାଇଁ ଏହି ଦର୍ଶନୀୟ ସ୍ଥାନକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିପାରି ନାହିଁ। ଏଠାରେ ପାନୀୟଜଳ ଓ ବିଦ୍ୟୁତ୍ ବ୍ୟବସ୍ଥା ମଧ୍ୟ ନାହିଁ। ସେହିପରି ସ୍ଥାନୀୟ ଯୁବକଙ୍କ ଦ୍ୱାରା ପର୍ଯ୍ୟଟକଙ୍କ ଯାତାୟାତ ପାଇଁ ପାହାଡ଼ ଉପରକୁ ବାଉଁଶ ଯୋଡ଼ି ଅସ୍ଥାୟୀ ଜରୁରୀ ବ୍ୟବସ୍ଥା କରାଯାଇଛି। ଏହି ପୀଠର ପୁନରୁଦ୍ଧାର ସହ ପାହାଡ଼ ଉପରେ ମୁକ୍ତାକାଶ ତଳେ ପୂଜା ପାଉଥିବା ଗିରିଗୋବର୍ଦ୍ଧନଙ୍କ ନିମନ୍ତେ ମନ୍ଦିର ନିର୍ମାଣ, ବିଦ୍ୟୁତ, ପାନୀୟଜଳ, ସୁଉଚ୍ଚ ପାହାଡ଼ ଉପରକୁ ନିରାପଦରେ ଯାତାୟାତ ପାଇଁ ପାହାଚରେ ସୁରକ୍ଷା ବ୍ୟବସ୍ଥା ପ୍ରତି ଦୃଷ୍ଟି ଦେବାକୁ ପ୍ରଶାସନ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ଶ୍ରଦ୍ଧାଳୁମାନେ କହିଛନ୍ତି। ଯୋଗୀ ରାଉତ, ଗିରୀଶ କୁମାର ବେହେରା, ଲୁନା ମହାରଣା, ବସନ୍ତ କୁମାର ସେଠୀ, ସୁଶୀଲ କୁମାର ମହାପାତ୍ର, ରୋହିତ ଜଗଦ୍ଦେବ, ଜଟ ବିଶ୍ୱାଳ, ନିଲୁ ତରେଇ, ଲାଲା ତରେଇ ପ୍ରମୁଖ ଯୁବବର୍ଗଙ୍କ ପକ୍ଷରୁ ଏଭଳି ବ୍ୟାପକ ବ୍ୟବସ୍ଥା ଓ ଶୃଙ୍ଖଳିତ ଭାବେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିବାରୁ ସାଧାରଣରେ ସେମାନଙ୍କୁ ପ୍ରଶଂସା କରାଯାଇଛି।

ଅତ୍ରି ମକର ମହୋତ୍ସବ ଉଦ୍‌ଘାଟିତ

## 'ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିଥାଏ ମହୋତ୍ସବ'



**ବେଗୁନିଆ,୧୪ା୧(ସମିସ)**

ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅତ୍ରି ଉଷ୍ଣପ୍ରସ୍ରବଣ ପରିସରରେ ମଙ୍ଗଳବାର ମକର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ତଥା ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି ଓ ବିଜେଡି ନେତା କ୍ୟାପଟେନ୍ ମନ୍ମଥ ରାଉତରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବିଡିଓ ଲକ୍ଷ୍ମୀଧର ସାହୁ, ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ସମିତି ସଭ୍ୟ ନବନିତା ମହାନ୍ତି, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବିଶିଷ୍ଟ ପ୍ରବଚକ ତଥା ପ୍ରଧାନଶିକ୍ଷକ ଡଃ. ଗଣେଶ୍ୱର ସ୍ୱାଇଁ, ସମାଜସେବୀ ସୁଶାନ୍ତ କୁମାର ମହାପାତ୍ର ଓ ସନ୍ତୋଷ କୁମାର ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମହୋତ୍ସବ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଥାଏ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ତହସିଲଦାର ତାପସ ବିଶିଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି ଗୋପୀନାଥ ସେଠୀ ସଂଯୋଜନା କରିଥିଲେ। ସଭାର ପ୍ରାରମ୍ଭରେ ଶିକ୍ଷକ ସୁଧାକର ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମକର ମହୋତ୍ସବ ଅବସରରେ ଗଣଦୌଡ଼



**ବେଗୁନିଆ,୧୪ା୧(ସମିସ):** ବେଗୁନିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କାଙ୍କ ଆବାହକତ୍ୱରେ ମକର ମହୋତ୍ସବ ଅବସରରେ ବାମଡିହ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରୁ ଅତ୍ରି ଉଷ୍ଣପ୍ରସ୍ରବଣ ପର୍ଯ୍ୟନ୍ତ ଏକ ମିନି ମାରାଥନ ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାରାଥନ୍‌କୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଆରକ୍ଷୀ ଅଧୀକ୍ଷିକା ସାଗରିକା ନାଥ ମୁଖ୍ୟବକ୍ତା, ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ ଓ ସମିତିସଭ୍ୟ ନବନିତା ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ୧୫୦ ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

## ସ୍ୱାସ୍ଥ୍ୟମେଳା ଉଦ୍‌ଘାଟନ କଲେ ବିଧାୟକ



**ବେଗୁନିଆ,୧୪ା୧(ସମିସ):** ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅତ୍ରିସ୍ଥିତ ଉଷ୍ଣପ୍ରସ୍ରବଣ ପରିସରରେ ମକର ମହୋତ୍ସବ ଅବସରରେ ଆଗ୍ରୋ ଚାରିଟେବୁଲ ଟ୍ରଷ୍ଟ ଓ ବେଗୁନିଆ ମିଡିଆ ହାଉସ ପକ୍ଷରୁ ମେଗା ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଓ ସରପଞ୍ଚ ଦେବାଶିଷ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଆଖି, କାନ, ନାକ, ଇସିଜି, ମେଡିସିନ, ଶିଶୁ ବିଭାଗର ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ କ୍ରମେ ମାଗଣା ଔଷଧ ବଣ୍ଟନ ହୋଇଥିଲା। କାର୍ଯ୍ୟକ୍ରମକୁ ଆଗ୍ରୋ ଚାରିଟେବୁଲ ଟ୍ରଷ୍ଟର ଚେୟାରମ୍ୟାନ ଶାସ୍ତ୍ରୀ ବାହାଦୁର ପ୍ରଧାନ, ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ରଜନୀକାନ୍ତ ଲେଙ୍କା, ସାମ୍ବାଦିକ ନଳିନୀ କାନ୍ତ ପଣ୍ଡା, ଶରତ କୁମାର ବାରିକ, ପ୍ରକାଶ ମିଶ୍ର, ହେମନ୍ତ ବେହେରା, ମାନସ ରଞ୍ଜନ କର, ଯୋଗେଶ୍ୱର ପଣ୍ଡା, ବାସୁଦେବ ବେହେରା, ପୁରୁଷୋତ୍ତମ ପଟ୍ଟନାୟକ, ଜାଗେଶ୍ୱର ପ୍ରଧାନ, ଶିକ୍ଷକ ବିବେକାନନ୍ଦ ମିଶ୍ର ଓ ସମାଜସେବୀ ଅଶୋକ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

## ବାଣପୁର 'ସକାଳ' ବିତରକଙ୍କ ପରଲୋକ

**ବାଣପୁର,୧୪ା୧(ସମିସ):** ପବିତ୍ର ମକର ସଂକ୍ରାନ୍ତିରେ ଖୋର୍ଦ୍ଧା ଜିଲ୍ଲା ବାଣପୁର ଅଞ୍ଚଳର 'ସକାଳ' ବିତରକ ମଦନ ସୁବୁଦ୍ଧିଙ୍କ ୬୦ ବର୍ଷ ବୟସରେ ପରଲୋକ ଘଟିଛି। ସ୍ୱର୍ଗତ ସୁବୁଦ୍ଧି ମଙ୍ଗଳବାର ସକାଳେ ଖବରକାଗଜ ବାଣ୍ଟୁଥିବା ସମୟରେ ହଠାତ ହୃଦ୍‌ଘାତ ଯୋଗୁଁ ତାଙ୍କର ଦେହାନ୍ତ ହୋଇଛି। ବାଣପୁର ଏନ୍‌ଏସି ଅନ୍ତର୍ଗତ ବଜାର ସାହିରେ ସ୍ୱର୍ଗତ ସୁବୁଦ୍ଧିଙ୍କ ଘର। ସେ ଦୀର୍ଘ ୪୦ ବର୍ଷ ଧରି ବାଣପୁର ଅଞ୍ଚଳରେ ଖବରକାଗଜ ବିତରଣ କରି ଆସୁଥିଲେ। ମଙ୍ଗଳବାର ସକାଳେ ସେ ଗାଡ଼ିରୁ ଖବର କାଗଜ ସଂଗ୍ରହ କରି ଘରକୁ ଆସିଥିଲେ। ଜଳଖିଆ ଖାଇ ସାରି ଖବରକାଗଜ ବାଣ୍ଟିବା ପାଇଁ ବଜାରକୁ ଯାଇଥିଲେ। ହେଲେ ଖବରକାଗଜ ବାଣ୍ଟୁଥିବା ସମୟରେ ଅସୁସ୍ଥତା ଅନୁଭବ କରି ହଠାତ୍ ତଳେ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳ ଓ ସାମ୍ବାଦିକଙ୍କ ମହଲରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।



## ଜାତୀୟ ରାଜପଥରେ ଛିନ୍‌ତାଇ; ଜଣେ ଅଟକ

**ନିରାକାରପୁର,୧୪ା୧(ସମିସ):** ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଗୋଡ଼ିପଡା ଛକ ନିକଟରୁ ଆଜି ଅପରାହ୍ନରେ ଜଣେ ବାଇକ୍ ଆରୋହୀଙ୍କଠାରୁ ଭ୍ୟାନିଟି ବ୍ୟାଗ ଛଡ଼ାଇ ନେଇ ଦୁଇ ଯୁବକ ଫେରାର ହୋଇଯାଇଥିଲେ। ପୁଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି। ସୂଚନାଯୋଗ୍ୟ କି ନୟାଗଡ଼ର ପ୍ରୀତିବାଳା ପ୍ରଧାନ (୪୫) ତାଙ୍କ ସ୍ୱାମୀ ମାଧବ ପ୍ରଧାନଙ୍କ ସହିତ ଭୁବନେଶ୍ୱରରୁ ଭୂଷଣ୍ଡପୁର ମା' ଉଗ୍ରତାରାଙ୍କ ଦର୍ଶନ ପାଇଁ ଆସୁଥିଲେ। ଜଙ୍କିଆ ଥାନା ଗୋଡ଼ିପଡା ଟୋଲ ଗେଟ୍ ପୂର୍ବରୁ କଟକ ଜିଲ୍ଲା ବାଙ୍କୀ ଅଞ୍ଚଳର ଦୁଇ ଜଣ ଯୁବକ ତାଙ୍କଠାରୁ ଭ୍ୟାନିଟି ଛଡ଼ାଇ ନେଇ ପଳାଇଥିଲେ। ପରେ ସେ ସେମାନଙ୍କ ପିଛା କରିବାରୁ ସେମାନେ ନିରାକାରପୁର ଥାନା ରାମେଶ୍ୱର ପଞ୍ଚାୟତ ମଧୁବନ ଗ୍ରାମରେ ପଶି ଯାଇଥିଲେ। ସେଠାରୁ ଜଣେ ଖସି ପଳାଇବାକୁ ସକ୍ଷମ ହୋଇଥିବା ବେଳେ ଲୋକେ ଜଣଙ୍କୁ ଧରି ପୁଲିସ ଜିମା ଦେଇଥିଲେ।

